ସକାଳ THE SAKALA



## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ମୃତ

ନିମାପଡ଼ା,୧୨।୪(ସମିସ): ନିମାପଡ଼ା ଥାନା ଅନ୍ତର୍ଗତ ତେରୁଣ୍ଡିଆ ଗ୍ରାମର ଜଣେ ଯୁବକ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ପ୍ରାଣ ହରାଇଥିବା ଜଣାପଡ଼ିଛି। ମୃତକ ଜଣକ ହେଲେ ଉକ୍ତ ଗ୍ରାମର ସୁବାସ ଭୋଇ (୩୪)। ପ୍ରକାଶ ଯେ, ସୁବାସଙ୍କ ଘର ପାଖରେ ଏକ ସର୍ଭିସ ବିଦ୍ୟୁତ୍ ତାରଟି ଓହଳି ପଡ଼ିଥିଲା। ସେ ତାରଟିକୁ ଉଠାଉଥିବା ସମୟରେ କୌଣସି କାରଣବସତଃ ତାଙ୍କ ହାତରେ ଲାଗିଯାଇଥିଲା। ସ୍ଥାନୀୟ ଲୋକମାନେ ସୁବାସଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ଚିକିତ୍ସା ପାଇଁ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ତେବେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଘଟଣାସ୍ଥଳରେ ନିମାପଡ଼ା ପୁଲିସ ପହଞ୍ଚି ଶବକୁ ଜବତ କରିବା ସହ ୫/୨୬ରେ ଏକ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ୧୪ରେ ମା' ଗଡ଼ଚଣ୍ଡୀଙ୍କ ପ୍ରସିଦ୍ଧ 'ଖାଇଫୋଡ଼' ଯାତ୍ରା

ସାକ୍ଷୀଗୋପାଳ,୧୨।୪(ସମିସ): ଆସନ୍ତା ୧୪ ତାରିଖ ପଣାସଂକ୍ରାନ୍ତି ଦିନ ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ଭୀମପୁର ଗ୍ରାମରେ ମା' ଗଡ଼ଚଣ୍ଡୀଙ୍କ ପ୍ରସିଦ୍ଧ ଖାଇ ଫୋଡ଼ ଯାତ୍ରା ଅନୁଷ୍ଠିତ ହେବ। ଚଳିତ ବର୍ଷ ଏହି ଯାତ୍ରାରେ ୫୦ ହଜାରରୁ ଅଧିକ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ପ୍ରସ୍ତୁତି ଆରମ୍ଭ ହୋଇଛି। ମା'ଙ୍କର ଏହି ପବିତ୍ର ଯାତ୍ରା ପାଇଁ ନୀତିକାନ୍ତି ଚୂଡ଼ାନ୍ତ ହୋଇଛି। ସକାଳ ୭ଟାରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହେବ। ସକାଳ ୮ଟାରେ ସୂର୍ଯ୍ୟ ପାଟୁଆ ନୀତି, ପୂର୍ବାହ୍ଣ ୧୧ଟାରେ କାଳେସୀ ବିଜେ, ମଧ୍ୟାହ୍ନ ୧୨ଟାରେ ଖାଇ ପାଇଁ ଆଜ୍ଞାମାଳ ପ୍ରଦାନ କରାଯିବା ପରେ ଅପରାହ୍ଣ ୧ଟାରେ ନଳିତା ପୋଖରୀଠାରେ ମୁଖ୍ୟ ଆକର୍ଷଣ "ଖାଇଫୋଡ଼' ନୀତି ଅନୁଷ୍ଠିତ ହେବ। ଏହାପରେ ଅପରାହ୍ଣ ୨ଟାରେ ଖାଇ ବୁଲିବା କାର୍ଯ୍ୟକ୍ରମ କରାଯିବ। ଏହି ଉପଲକ୍ଷେ ଭକ୍ତଙ୍କ ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳା ରକ୍ଷା ଓ ବିଶେଷ ସୁବିଧା ଯୋଗାଇଦେବା ପାଇଁ ମା' ଗଡ଼ଚଣ୍ଡୀ ଟ୍ରଷ୍ଟ ବୋର୍ଡ ପକ୍ଷରୁ ସ୍ଥାନୀୟ ପ୍ରଶାସନକୁ ଅନୁରୋଧ କରାଯାଇଛି। ଟ୍ରଷ୍ଟ ବୋର୍ଡର ସଦସ୍ୟ ନିରଞ୍ଜନ ହୋତା, ଦେବେନ୍ଦ୍ର ରଥ, ଧୂଷା ସାହୁ, ଭ୍ରମର ରାଉତ ଏବଂ ଭୀମପୁର ଗ୍ରାମବାସୀଙ୍କ ପକ୍ଷରୁ ସମସ୍ତ ଶ୍ରଦ୍ଧାଳୁଙ୍କୁ ମା'ଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରି ଆଶୀର୍ବାଦ ଲାଭ କରିବା ନିମନ୍ତେ ପ୍ରସ୍ତୁତି ହୋଇଛି।

## ଯାତ୍ରା ହନୁମାନଙ୍କୁ ଦେଖି ଚାଲିଗଲା ନାବାଳକର ଜୀବନ

କୃଷ୍ଣପ୍ରସାଦ,୧୨।୪(ସମିସ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ ଭାବିନିପୁର ଗ୍ରାମରେ ଯାତ୍ରା ଦେଖିବାବେଳେ ଘଟିଛି ଏକ ଅଭାବନୀୟ ଘଟଣା। ଯାତ୍ରାରେ ଅଭିନୀତ ହନୁମାନଙ୍କୁ ଦେଖି ପାରଳା ଗ୍ରାମର ଜନୈକ ନାବାଳକଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତକ ଜଣକ ହେଲେ ଉକ୍ତ ଗ୍ରାମର ପ୍ରମୋଦ ପ୍ରଧାନଙ୍କ ପୁଅ ଶୁଭଙ୍କର ପ୍ରଧାନ (୧୪)। ଖବର ନେବାରେ ଜଣାପଡ଼ିଛି ଯେ, ଶନିବାର ରାତିରେ ଭବାନୀପୁର ଗ୍ରାମରେ ରାମାୟଣ ନାଟକ ପରିବେଷଣ ହେଉଥିଲା। ଉକ୍ତ ନାଟକକୁ ବହୁ କଳାପ୍ରେମୀ ଦେଖୁଥିଲେ। ଏହି ସମୟରେ ହନୁମାନ ବେଶରେ ଅଭିନୟ କରୁଥିବା ହନୁମାନ ମଞ୍ଚରେ ଡେଇଁ ଦର୍ଶକଙ୍କ ଗହନକୁ ଡେଇଁଥିଲେ। ଏଥିରେ ଭୟଭୀତ ହୋଇ ନାବାଳକ ଶୁଭଙ୍କର ଧାଇଁ ଧାଇଁ ପଛକୁ ଚାଲିଯାଇଥିଲେ। ଦୌଡ଼ିବାବେଳେ ଅଳ୍ପ ଉଚ୍ଚରେ ଥିବା ବିଦ୍ୟୁତ୍ ସବ୍‌ଷ୍ଟେସନରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ସେଥିରେ ପିଲାଟିର ଜୀବନ ଚାଲିଯାଇଛି। ସଙ୍ଗେ ସଙ୍ଗେ ତାଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ନେବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମୃତ ନାବାଳକର ଶବକୁ ଜବତ କରି ବ୍ୟବଚ୍ଛେଦ କରିଛନ୍ତି। ବିଦ୍ୟୁତ୍ ସବ୍‌ଷ୍ଟେସନ ବହୁତ ତଳେ ଏବଂ ସବ୍‌ଷ୍ଟେସନ ମେସିନକୁ ତାର ବାଡ଼ କିମ୍ବା ସିମେଣ୍ଟ ଖୁଣ୍ଟ ତିଆରି କରି ନ ଥିବାରୁ ଅସୁରକ୍ଷିତ ଭାବେ ରହିଥିବାରୁ ଏହି ନିରୀହ ବାଳକର ଜୀବନ ଚାଲିଗଲା। ଦୁଃଖର ବିଷୟ ଶୁଭଙ୍କରଙ୍କ ଆଉ ଦୁଇ ଭାଇଙ୍କର ମଧ୍ୟ ବହୁ ପୂର୍ବରୁ ମୃତ୍ୟୁ ହୋଇଯାଇଛି। ସେହି ଦୁଃଖ ବାପା-ମାଆଙ୍କ ମନରୁ ଲିଭି ନ ଥିବାବେଳେ ବର୍ତ୍ତମାନ ଏକମାତ୍ର ପୁତ୍ର ଶୁଭଙ୍କରଙ୍କ ମୃତ୍ୟୁ ଘଟିଛି। ପୁଅର ମୃତ୍ୟୁକୁ ନେଇ ବାପା-ମାଆ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ଉକ୍ତ ଖବର ପ୍ରସାରଣ ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏନେଇ ପରିବାର ଏବଂ ଜନସାଧାରଣ କ୍ଷତିପୂରଣ ବାବଦ ଅର୍ଥ ବିଦ୍ୟୁତ୍ ବିଭାଗକୁ ଦାବି କରିଛନ୍ତି।

### ସମୀରଙ୍କ ନେତୃତ୍ୱରେ ବିଜେପିର ସାଂଗଠନିକ ବୈଠକ

# ପ୍ରଭାତୀଙ୍କ ବିରୋଧରେ ଅସନ୍ତୋଷ ଝାଡ଼ିଲେ କର୍ମୀ

ପୁରୀ/କୋଣାର୍କ,୧୨।୪(ସମିସ)



ରାମଚଣ୍ଡୀ ନିକଟ ଜୋସେଫ୍ ଗାର୍ଡେନ୍ ପରିସରରେ ରବିବାର ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ନେତୃତ୍ୱରେ ବିଜେପିର ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ରଣନୀତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ନିମାପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗୋପ ବ୍ଲକ୍‌ର ୧୪ଟି ପଞ୍ଚାୟତର ପ୍ରମୁଖ କର୍ମକର୍ତ୍ତାଙ୍କ ସମେତ ବହୁ କର୍ମୀ ଯୋଗଦେଇଥିଲେ। ଏରବଙ୍ଗ ପଞ୍ଚାୟତର ପୂର୍ବତନ ସରପଞ୍ଚ ବିଭୂତିଭୂଷଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜୀବନାନନ୍ଦ ମହାପାତ୍ର, ପ୍ରକାଶ ପ୍ରଧାନ, କୃଷ୍ଣ ବେହେରା, ଦ୍ୱିଜବର ପ୍ରଧାନଙ୍କ ସମେତ ୧୪ଟି ପଞ୍ଚାୟତର ଦଳୀୟ କର୍ମକର୍ତ୍ତା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ବିରୋଧରେ ଘୋର୍ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, ଆମେ ପ୍ରଭାତୀ ପରିଡ଼ାଙ୍କୁ ଭୋଟ୍ ଦେଲୁ। ସେ ଜିତିବା ପରେ ଆମକୁ ପଚାରୁନାହାନ୍ତି। ଦୁଇବର୍ଷ ଧରି ସେ ଆମ ସମସ୍ୟା ଶୁଣିବା ପରିବର୍ତ୍ତେ ଆମକୁ ଜୁଲମ୍ କରୁଛନ୍ତି। ଏଣୁ ଆସନ୍ତା ପଞ୍ଚାୟତ ନିର୍ବାଚନରେ ପ୍ରଭାତୀ ପରିଡ଼ାଙ୍କ ଦ୍ୱାରା ପ୍ରସ୍ତାବିତ କୌଣସି ପ୍ରାର୍ଥୀଙ୍କୁ ଆମେ ସମର୍ଥନ ଦେବୁନାହିଁ। ସମୀର ଦାଶଙ୍କ ନେତୃତ୍ୱରେ ଗୋପ ପଞ୍ଚାୟତ ସମିତି ଦଖଲ ପାଇଁ ରଣନୀତି ପ୍ରସ୍ତୁତ ହୋଇଥିବା ଯୁବନେତା ମନଦୀପ ପାଇକରାୟ କହିଛନ୍ତି। ବୈଠକରେ ବିଜେପିର ଗୋପ ବ୍ଲକ୍ ଆବାହକ ରୂପେ ପ୍ରକାଶ ପ୍ରଧାନ ଓ ସହ ଆବାହକ ରୂପେ ମନଦୀପ ପାଇକରାୟଙ୍କୁ ମନୋନୀତ କରାଯାଇଥିଲା। ଏଥିସହ ପ୍ରତି ପଞ୍ଚାୟତ ପାଇଁ ଆବାହକ ଓ ସହ ଆବାହକ ମନୋନୀତ ହୋଇଛନ୍ତି। ଆସନ୍ତା ଅଗଷ୍ଟ ମାସରୁ ପ୍ରତି ପଞ୍ଚାୟତରେ ପଦଯାତ୍ରା କରାଯାଇ ସାଂଗଠନିକ ଶକ୍ତି ବୃଦ୍ଧି କରାଯିବ ବୋଲି ସମୀର ଦାଶ କହିଛନ୍ତି।

### ଗୁରୁକୁଳ ଉତ୍ସବ ଉଦ୍‌ଘାଟିତ

## ବଂଶୀବାଦକ ମୋହିନୀ ପଟ୍ଟନାୟକଙ୍କୁ 'ଗୁରୁକୁଳ ସମ୍ମାନ'



ସାକ୍ଷୀଗୋପାଳ,୧୨।୪(ସମିସ): ରାମହରି ଦାସ ଓଡ଼ିଶୀ ଗୁରୁକୁଳ, ବଡ଼ହାଟ, ବୀରଗୋବିନ୍ଦପୁରର ବାର୍ଷିକ ଗୁରୁକୁଳ ଉତ୍ସବ-୨୦୨୬ ରବିବାର ସନ୍ଧ୍ୟାରେ ଗୁରୁକୁଳ ପ୍ରାଙ୍ଗଣରେ ଥିବା ମୁକ୍ତାକାଶ ରଙ୍ଗମଞ୍ଚରେ ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ଓଡ଼ିଶାର ବରେଣ୍ୟ ଗୁରୁ ତଥା ବିଶ୍ୱବିଖ୍ୟାତ ବଂଶୀବାଦକ ପ୍ରଫେସର ମୋହିନୀ ମୋହନ ପଟ୍ଟନାୟକଙ୍କୁ ଗୁରୁକୁଳ ସମ୍ମାନ-୨୦୨୬ ପ୍ରଦାନ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ସୌମେନ୍ଦ୍ର ପ୍ରିୟଦର୍ଶୀ (ଆଇପିଏସ୍), ଅତିରିକ୍ତ ମହାନିର୍ଦ୍ଦେଶକ ପୁଲିସ ଓ ସିଏମ୍‌ଡି, ଓପିଏଚ୍‌ଡବ୍ଲ୍ୟୁସି, ବରିଷ୍ଠ ସଂସ୍କୃତି ବିଶେଷଜ୍ଞ ପ୍ରଫେସର ପ୍ରଫୁଲ୍ଲ ରଥ, ଓଡ଼ିଶା ସାହିତ୍ୟ ଓ ସଙ୍ଗୀତ ନାଟକ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଉପନିର୍ଦ୍ଦେଶିକା ସୁଚିସ୍ମିତା ମନ୍ତ୍ରୀ ଓ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ବିଶିଷ୍ଟ ଓଡ଼ିଶୀ ସଙ୍ଗୀତଜ୍ଞ ଗୁରୁ ଡ. ବିଜୟ କୁମାର ଜେନା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ପ୍ରଥମ ସୋପାନ ବୃନ୍ଦ ଶାସ୍ତ୍ରୀୟ ବଂଶୀବାଦନ (ସପ୍ତରଙ୍ଗ)ରୁ ଆରମ୍ଭ କରାଯାଇଥିଲା। ଗୁରୁ ଶ୍ରୀନିବାସ ଶତପଥୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ବଂଶୀବାଦନ ବିଭାଗର ଛାତ୍ରଛାତ୍ରୀଙ୍କ ଦ୍ୱାରା ଏହା ପ୍ରସ୍ତୁତ ହୋଇଥିଲା। ପରେ ପରେ ଲକ୍ଷ୍ମୀପ୍ରିୟା ନାୟକଙ୍କ ଦ୍ୱାରା ଏକକ ଓଡ଼ିଶୀ ଶାସ୍ତ୍ରୀୟ କଣ୍ଠ ସଙ୍ଗୀତ ପରିବେଷଣ କରାଯାଇଥିଲା। ପରିବେଷଣରେ ଥିଲା ରାଗ କିରୱାଣି ଓ ଗୀତଗୋବିନ୍ଦ। ତାଙ୍କୁ ମର୍ଦ୍ଦଳରେ ସହଯୋଗିତା କରିଥିଲେ ଗୁରୁ ସଚିଦାନନ୍ଦ ଦାସ। ପରବର୍ତ୍ତୀ କାର୍ଯ୍ୟକ୍ରମ ସୂର୍ଯ୍ୟ ଗୁରୁକୁଳ, ଗୁଆଳି, କଟକ ଦ୍ୱାରା ବୃନ୍ଦ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ମହିଷା ମର୍ଦ୍ଦିନୀ କାର୍ଯ୍ୟକ୍ରମ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ପରେ ହାସ୍ୟ ଅଭିନେତା ପ୍ରଜ୍ଞାରଞ୍ଜନ ଖଟୁଆ ତାଙ୍କ ହାସ୍ୟ ରସାତ୍ମକ ଶବ୍ଦାବଳୀରେ ଦର୍ଶକଙ୍କୁ ହସାଇ ହସାଇ ବେଦମ କରିଥିଲେ। ପରିଶେଷରେ ଗଞ୍ଜାମର ଲୋକକଳା ଗୁରୁ ଆଲୋକ ବିଶୋଇ ଓ ସାଥୀଙ୍କ ଦ୍ୱାରା ପ୍ରସ୍ତୁତ ଲୋକ କଳା ଅନୁଷ୍ଠିତ ହୋଇଥିଲା। ଡ. ମୃତ୍ୟୁଞ୍ଜୟ ରଥ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଗୁରୁକୁଳ ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୁରୁକୁଳର ପ୍ରତିଷ୍ଠାତା ଗୁରୁ ରାମହରି ଦାସ, ଅଧ୍ୟକ୍ଷ ଗୁରୁ ଧନେଶ୍ୱର ସ୍ୱାଇଁ, ସମ୍ପାଦକ ଡ. ହିମାଂଶୁ ଶେଖର ସ୍ୱାଇଁଙ୍କ ସମେତ ଅନ୍ୟ ନ୍ୟାସୀ ଓ ସହଯୋଗୀ କର୍ମୀ, ଛାତ୍ରଛାତ୍ରୀ ଉତ୍ସବ ପରିଚାଳନା କରିଥିଲେ।

### ● ନିଶାସକ୍ତ କାର୍ ଚାଳକ ଭାଙ୍ଗିଲା ବିଦ୍ୟୁତ୍ ଖୁଣ୍ଟ

## ନିଶାଗ୍ରସ୍ତ ଅବସ୍ଥାରେ ଦୁଇ ବଙ୍ଗୀୟ ଯୁବତୀ ଉଦ୍ଧାର

ନୟାହାଟ,୧୨।୪(ସମିସ): ରବିବାର ରାତି ୮ଟାରେ ରଙ୍ଗତୋଟା ବସ୍ତି ନିକଟରେ ଜଣେ କାର୍ ଚାଳକ ନିଶାସକ୍ତ ଅବସ୍ଥାରେ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇ ଭାଙ୍ଗି ଦେଇଛି। ସ୍ଥାନୀୟ ଲୋକମାନେ ଓଡି ୦୨ ଏକ୍ସ ୭୬୮୬ ନମ୍ବର ବିଶିଷ୍ଟ କାର୍‌ଟିକୁ ଜବତ କରି ନୟାହାଟ ଫାଣ୍ଡି ପୁଲିସ ଜିମା ଦେଇଛନ୍ତି। ତେବେ ଉକ୍ତ କାର୍ ମଧ୍ୟରେ ଦୁଇଜଣ ବଙ୍ଗୀୟ ଯୁବତୀଙ୍କୁ ନିଶାଗ୍ରସ୍ତ ଅବସ୍ଥାରେ ଶୋଇ ରହିଥିବା ଦେଖିବାକୁ ମିଳିଥିଲା। ଉକ୍ତ ଦୁଇ ଯୁବତୀଙ୍କୁ ଉଦ୍ଧାର କରାଯିବା ସହ ଦୁଇଜଣ ଯୁବକଙ୍କୁ ଫାଣ୍ଡିରେ ଅଟକ ରଖାଯାଇଛି। ଉକ୍ତ ଯୁବକଙ୍କ ଘର ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ଅଞ୍ଚଳରେ ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ



ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ତଦନ୍ତ କରୁଛନ୍ତି। ଏମାନେ କେଉଁଠୁ ଆସିଥିଲେ ଓ କେଉଁଠିକି ଯାଉଥିଲେ ଏ ସମ୍ପର୍କରେ ପଚାରିବାରୁ ଜୈନିକା ଯୁବତୀ ଆମେ ପାରାଦୀପ ଯାଉଥିଲୁ ବୋଲି କହିଥିଲେ। କିନ୍ତୁ କଥାଟି କେମିତି ଅଡୁଆ ଲାଗୁଥିବାବେଳେ ଯୁବତୀ ଜଣକ ପ୍ରକୃତ ତଥ୍ୟ ଲୁଚାଉଥିବା ସନ୍ଦେହ କରାଯାଉଛି। ପୁଲିସ ତଦନ୍ତ କଲେ ପ୍ରକୃତ ତଥ୍ୟ ସାମ୍ନାକୁ ଆସିବ ବୋଲି ସାଧାରଣରେ ଦାବି ହେଉଛି।

## ପ୍ରବାଦ ପୁରୁଷ ବିଜୁବାବୁଙ୍କ ତିରୋଧାନ ଦିବସ ପାଇଁ ପ୍ରସ୍ତୁତି



ନିମାପଡ଼ା,୧୨।୪(ସମିସ): ସ୍ଥାନୀୟ ରବୀନ୍ଦ୍ର କଲ୍ୟାଣ ମଣ୍ଡପ ପରିସରରେ ଆସନ୍ତା ୧୭ ତାରିଖ ଦିନ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ତିରୋଧାନ ଦିବସ ପାଳନ ଉପଲକ୍ଷେ ନିମାପଡ଼ା ବିଜୁ ଜନତା ଦଳ ପକ୍ଷରୁ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ସଭାପତି ଭଗ୍ୟଧର ଖଟୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ନିମାପଡ଼ା-ଗୋପ ନିର୍ବାଚନମଣ୍ଡଳୀ ବିଜେଡିର ସଂଗଠନ ସମ୍ପାଦକ ସୁବ୍ରତ ଛାଟୋଇ, ଜିଲ୍ଲା ମହିଳା ସଭାନେତ୍ରୀ କସ୍ତୁରୀବାଳା ସ୍ୱାଇଁ, ଗୋପ ବ୍ଲକ୍ ସଭାପତି ମହେଶ୍ୱର ସ୍ୱାଇଁ, ଜିଲ୍ଲା ପରିଷଦ ସଭ୍ୟା କୁଞ୍ଜଲତା ସାମଲ, ଜିଲ୍ଲା ପରିଷଦ ସଭ୍ୟ ରବୀନ୍ଦ୍ରନାଥ ମଲ୍ଲିକ, ନଗର ସଭାପତି ଧନୁର୍ଦ୍ଧର ଦାଶ, ବରିଷ୍ଠ ନେତୃତ୍ୱ ନିରଞ୍ଜନ ମହାପାତ୍ର, ଲୋକନାଥ ସାହୁ, ସତ୍ୟବାଦୀ ମହାପାତ୍ର, ପ୍ରଦୀପ୍ତ କୁମାର ଦାଶ, ସୁକାନ୍ତ ନାୟକ, ପୂର୍ବତନ ସମିତିସଭ୍ୟ ରବୀନ୍ଦ୍ର କୁମାର ଦାଶ, ଯୁବନେତା ବିଜୟ ପଟ୍ଟନାୟକ, ଦୁର୍ଲ୍ଲଭ ନାୟକଙ୍କ ସମେତ ବିଭିନ୍ନ ପଞ୍ଚାୟତର ଶତାଧିକ କର୍ମୀ ଯୋଗଦେଇଥିଲେ। ସ୍ଥାନୀୟ ଟାଉନ୍ ହଲ୍ ପରିସରରେ ଆସନ୍ତା ୧୭ ତାରିଖ ଦିନ ପ୍ରବାଦ ପୁରୁଷ ବିଜୁବାବୁଙ୍କ ତିରୋଧାନ ଦିବସ ମହାସମାରୋହରେ ପାଳନ କରାଯିବ ବୋଲି ବୈଠକରେ ସ୍ଥିର କରାଯାଇଛି। ଆଗାମୀ ପଞ୍ଚାୟତ ନିର୍ବାଚନରେ ନିମାପଡ଼ା-ଗୋପରେ ବିଜୁ ଜନତା ଦଳ ଯେପରି ପୁନର୍ବାର ବାଜିମାତ୍ କରିବ ସମସ୍ତେ ଚେଷ୍ଟା ଜାରି ରଖିବାକୁ ସଭାପତି ସମସ୍ତଙ୍କୁ ଅନୁରୋଧ କରିଛନ୍ତି।

## ଦଣ୍ଡଯାତ୍ରା ପାଇଁ ବିଭିନ୍ନ ଗାଁ ଉତ୍ସବମୁଖର



କଣାସ,୧୨।୪(ସମିସ): କଣାସ ବ୍ଲକ୍‌ର ବିଭିନ୍ନ ଗ୍ରାମରେ ଥିବା ଶୈବପୀଠଗୁଡ଼ିକ ଦଣ୍ଡଯାତ୍ରା ପାଇଁ ଉତ୍ସବମୁଖର ହୋଇଉଠିଛି। ଭୋଗତାମାନେ ମୀନ ସଂକ୍ରାନ୍ତିଠାରୁ ଆମିଷ ତ୍ୟାଗ କରି ଅରୁଆ ଖାଇ ନିଷ୍ଠାର ସହିତ ଦଣ୍ଡ ଉପବାସ କରନ୍ତି। ଭୋଗତାମାନଙ୍କ କୋଳାହଳରେ ବର୍ତ୍ତମାନ ଶୈବପୀଠ ଚଳଚଞ୍ଚଳ ହେଉଛି। ବିଭିନ୍ନ ଗ୍ରାମରେ ଥିବା ଶୈବପୀଠଗୁଡ଼ିକରେ କେଉଁ ପୀଠରେ ୨୧, ୧୬, ୧୩ ଓ ୯ ଦିନିଆ ପାଣି ତୋଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଭୋଗତାମାନେ କାଷ୍ଠା ଉପବାସ କରି ସନ୍ଧ୍ୟାରେ ସ୍ନାନ କରି ପଣାଭୋଗ ସେବନ କରିଥାନ୍ତି। କେଉଁ କେଉଁ କୋଠିରେ ମାତ୍ର ଗୋଟିଏ ସମୟରେ ଅରୁଆ ଅନ୍ନ ଭୋଜନ କରିଥାନ୍ତି। ପ୍ରତ୍ୟହ ସନ୍ଧ୍ୟାରେ ଭୋଗତାମାନେ ଠାକୁରଙ୍କୁ ସାଥୀରେ ଧରି ଗ୍ରାମ ପରିକ୍ରମା କରିବା ସହିତ ଝୁଣା ଜାଳି ହକ ଡାକି ଯାତ୍ରା କରୁଥିବାବେଳେ ବହୁ ଭକ୍ତ ଗ୍ରାମରେ ଠାକୁରଙ୍କ ଆଗରେ ଦଣ୍ଡପ୍ରଣାମ କରି ପଡ଼ିଥାନ୍ତି। ଭୋଗତମାନେ ଗ୍ରାମରେ ଠାକୁରଙ୍କୁ ଧରି ଯିବା ସମୟରେ ନୃତ୍ୟ, ଶିବ ତାଣ୍ଡବ, ଧୂଳି ଦଣ୍ଡ ପରିବେଷଣ କରୁଥିବାରୁ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୁଏ। ୧୩ ତାରିଖ ଦିନ ବିଭିନ୍ନ ଗ୍ରାମର ବିଭିନ୍ନ ସ୍ଥାନରେ ଠାକୁରଙ୍କ ଆଗରେ ଭୋଗତାମାନେ ନିଆଁରେ ଚାଲନ୍ତି, କଣ୍ଟାରେ ଗଡ଼ନ୍ତି ଓ ପୀଠରେ ଲୁହା କଣ୍ଟା ଫୋଡ଼ି ଝୁଲି ରୁହନ୍ତି। ସେହିଦିନ ଭୋଗତାମାନଙ୍କ କାର୍ଯ୍ୟକ୍ରମ ଉଦ୍‌ଯାପନ ହୁଏ। ପଣା ସଂକ୍ରାନ୍ତି ଦିନ ଭୋଗତାମାନେ ଠାକୁରଙ୍କ ନିକଟରେ ଭୋଜିଭାତ କରି କାର୍ଯ୍ୟକ୍ରମ ସମାପ୍ତ କରନ୍ତି। କରମଳା ଗ୍ରାମରେ ୧୬ ଦିନ ଧରି ଭୋଗତାମାନେ ଦଣ୍ଡଯାତ୍ରା ପାଳନ କରନ୍ତି।

## ସ୍ୱଚ୍ଛ ଓଡ଼ିଶା ଦିବସ ପାଳିତ

କୃଷ୍ଣପ୍ରସାଦ,୧୨।୪(ସମିସ): ଏପ୍ରିଲ ୧ ତାରିଖ ଓଡ଼ିଶା ଦିବସରୁ ଆରମ୍ଭ କରି ୧୪ ତାରିଖ ଓଡ଼ିଆ ନବବର୍ଷ ପର୍ଯ୍ୟନ୍ତ ପାଳନ କରାଯାଉଛି ଓଡ଼ିଆ ପକ୍ଷ। ଏହି ଭବ୍ୟ ଓ ଦିବ୍ୟ ସମାରୋହକୁ ଲୋକଙ୍କ ସହଭାଗିତାରେ ପାଳନ କରିବା ପାଇଁ ବ୍ଲକ୍‌ଠାରୁ ନେଇ ରାଜ୍ୟସ୍ତରରେ ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗ ପକ୍ଷରୁ ଅନେକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି ପରିପ୍ରେକ୍ଷୀରେ କୃଷ୍ଣପ୍ରସାଦ ବ୍ଲକ୍ ପ୍ରଶାସନ ପକ୍ଷରୁ ବିଡିଓ ଅମୀୟ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ବ୍ଲକ୍ କାର୍ଯ୍ୟାଳୟ ଏବଂ କାର୍ଯ୍ୟାଳୟ ମଧ୍ୟରେ ଥିବା ଚିଲିକା ଗାନ୍ଧୀ ଉଦୟ ନାଥ ଜେନାଙ୍କ ପ୍ରତିମୂର୍ତ୍ତି ପରିସରକୁ ପରିଷ୍କାର ଓ ପରିଚ୍ଛନ୍ନ କରିବା ପାଇଁ ଝାଡୁ ମାରିବା, ଅଳିଆ ଆବର୍ଜନା ସଫା କରିବା ସହିତ ଚୂନ ଓ ବ୍ଲିଚିଙ୍ଗ୍ ପକାଯାଇଥିଲା। ବ୍ଲକ୍‌ର ମୁଖ୍ୟ କିରାଣି ପୂର୍ଣ୍ଣ ଚନ୍ଦ୍ର କାଣ୍ଡି, ବ୍ଲକ୍ ଅଧ୍ୟକ୍ଷାଙ୍କ ପ୍ରତିନିଧି ବିଜୟକୁମାର ତରେଇ, ସିପି ପ୍ରଭାତ କୁମାର ଜେନା, ସହକାରୀ ଯନ୍ତ୍ରୀ ବିଜୟାନନ୍ଦ



ଗୋଛାୟତ, ବିତ୍ତ ଅଧିକାରୀ ମହେନ୍ଦ୍ର ରଞ୍ଜନ ସାହୁ, ସମାଜ ମଙ୍ଗଳ ଅଧିକାରୀ ପ୍ରତ୍ୟୁଷ ରଥ, ମନରେଗା ସହାୟିକା ସୌରୀରାଣୀ ଜେନା, ମନରେଗା ସହାୟକ ରଶ୍ମି ରଞ୍ଜନ ପଟ୍ଟନାୟକ, ରାଜସ୍ୱ ସହାୟକ କାଶୀମ ମହମ୍ମଦ, ବିପିଏମ୍ ଉମାକାନ୍ତ ମିଶ୍ର, ଓଡ଼ିଶା ଜୀବିକା ମିଶନର ଶିବ ପ୍ରସାଦ ଭୋଇ, ଡିଇଓ ସାଗର ସାହୁ, ଆଲୋକ କୁମାର ଖୁଣ୍ଟିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ହନୁମାନ ଚାଳିଶା ମହାଯଜ୍ଞ

ଗମ୍ଭାରୀପଦା,୧୨।୪(ସମିସ): ପବିତ୍ର ପଣା ସଂକ୍ରାନ୍ତି, ଓଡ଼ିଆ ନବବର୍ଷ ଅବସରରେ କାକଟପୁର ବ୍ଲକ୍ କଣ୍ଟାପଡ଼ା ଗ୍ରାମପଞ୍ଚାୟତ ପତିସାହି ଗ୍ରାମ ଉପକଣ୍ଠ ସତ୍ୟ ମହାବୀର ମନ୍ଦିର ପ୍ରାଙ୍ଗଣରେ ୪ର୍ଥ ବର୍ଷ ହନୁମାନ ଚାଳିଶା ମହାଯଜ୍ଞ ଅନୁଷ୍ଠିତ ହେଉଛି। ବିଗତ ବର୍ଷ ପରି



ଶ୍ରଦ୍ଧାଳୁମାନେ ପରିବାରର ସମୃଦ୍ଧି, ସୁଖଶାନ୍ତି ଓ ଜୀବନରେ ମୋକ୍ଷ ପ୍ରାପ୍ତି ପାଇଁ ବୈଶାଖ ମାସର ଏହି ସଂକ୍ରାନ୍ତିରେ ମନ୍ଦିର ପରିସରରେ ହନୁମାନ ଚାଳିଶା ପାଠ କରି ମହାଯଜ୍ଞରେ ଅଂଶଗ୍ରହଣ କରିବା ପାଇଁ ବହୁ ଦୂରଦୂରାନ୍ତରୁ ଏଠାକୁ ଛୁଟି ଆସିଥା'ନ୍ତି। ପୂର୍ବ ଦିନରୁ ନିଜର ନାମ ମନ୍ଦିର ଟ୍ରଷ୍ଟ ବୋର୍ଡ ପାଖରେ ପଞ୍ଜିକୃତ କରାଇ ପରଦିନ ସୁଦ୍ଧପୂତ ଭାବରେ ମନ୍ଦିର ପ୍ରଶାସନର ନୀତିନିୟମ ମୁତାବକ ହନୁମାନ ଚାଳିଶା ପଠନରେ ଅଂଶଗ୍ରହଣ କରୁଥିବା ବାବା ବିରଞ୍ଚି ନାରାୟଣ ଦାଶଙ୍କଠାରୁ ପ୍ରକାଶ। ଇଚ୍ଛୁକ ଶ୍ରଦ୍ଧାଳୁମାନେ ଚାହିଁଲେ ଏହି ମହାଯଜ୍ଞରେ ଅଂଶଗ୍ରହଣ କରି କଳିଯୁଗର ପ୍ରତ୍ୟକ୍ଷ ଦେବତା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ଭକ୍ତ ହନୁମାନ ଚାଳିଶା ପଠନରେ ଅଂଶଗ୍ରହଣ କରିପାରିବେ।

## ଶିଶୁ କଥା ଦିବସରେ 'ବର୍ଣ୍ଣବୋଧ' ବଣ୍ଟନ

କୃଷ୍ଣପ୍ରସାଦ,୧୨।୪(ସମିସ): ରାଜ୍ୟ ସରକାର ଓଡ଼ିଶା ଦିବସଠାରୁ ମହାବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ କରୁଛନ୍ତି। ଏହି କ୍ରମରେ ବ୍ଲକ୍ ପ୍ରଶାସନ ପକ୍ଷରୁ ଶିଶୁ କଥା ଦିବସ ପାଳିତ ହୋଇଯାଇଛି। ଚିଲିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନୂଆପଡ଼ା ପରିସରରେ କୃଷ୍ଣପ୍ରସାଦ ବିଡିଓ



ଅମୀୟ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଉତ୍ସବର ଆୟୋଜନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଆର୍‌ସିସି ସିଦ୍ଧେଶ୍ୱର କରଣ, ଅତିରିକ୍ତ ଶିକ୍ଷା ଅଧିକାରୀ ବଳଭଦ୍ର ସାହୁ, ସିଆର୍‌ସିସି ସୁନୀଲ କୁମାର ଜେନା, ସିପି ପ୍ରଭାତ କୁମାର ଜେନା, ସହକାରୀ ଯନ୍ତ୍ରୀ ବିଜୟାନନ୍ଦ ଗୋଛାୟତ, କନିଷ୍ଠ ଯନ୍ତ୍ରୀ ଜିତେନ୍ଦ୍ର ଦାସ, ଅମୀୟ କୁମାର ପଣ୍ଡା, ବେଗା ହାଁସଦା ପ୍ରମୁଖ ଯୋଗଦେଇ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ 'ବର୍ଣ୍ଣବୋଧ' ବହି ବଣ୍ଟନ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# କାନ୍ଦୁଛି କୁଶଭଦ୍ରା; ପୁନରୁଦ୍ଧାର ପାଇଁ ଦାବି

ନିମାପଡ଼ା,୧୨।୪(ସମିସ)



ନିମାପଡ଼ାର ଜୀବନରେଖା କୁଶଭଦ୍ରା। ଏହା ଉପରେ ନିର୍ଭର କରନ୍ତି ଲକ୍ଷ ଲକ୍ଷ ଚାଷୀ। କୁଶଭଦ୍ରା ନଦୀ ଆଜି ନିଜର ଅସ୍ତିତ୍ୱ ଖୋଜୁଛି। ନଦୀ ଗର୍ଭରେ କୁଢ଼କୁଢ଼ ଅଳିଆ ଆବର୍ଜନା ଭର୍ତ୍ତି ହେବା ସହିତ ପାଣି ବିନା ନଦୀଟି ମରୁଭୂମିରେ ପରିଣତ ହେଲାଣି। ବାଲିଅନ୍ତାରୁ ବାହାରି ନିମାପଡ଼ା-ଗୋପ ଦେଇ ରାମଚଣ୍ଡୀ ମୁହାଣ ନିକଟରେ ବଙ୍ଗୋପସାଗରରେ ମିଶିଥିବା ଏହି ପ୍ରାଚୀନ ନଦୀ ଏବେ ବଞ୍ଚିବା ପାଇଁ ସଂଘର୍ଷ କରୁଛି।

ପୁରୀ ଜିଲ୍ଲା ନିମାପଡ଼ା ନିର୍ବାଚନମଣ୍ଡଳୀ ଦେଇ ପ୍ରବାହିତ କୁଶଭଦ୍ରା ନଦୀ ହେଉଛି ନିମାପଡ଼ା-ଗୋପବାସୀଙ୍କ ଜୀବନ ରେଖା। କିନ୍ତୁ ଧୀରେ ଧୀରେ ଏହାର ମୁହାଣ ପୋତି ହୋଇଯିବାରୁ ନଦୀରେ ଜଳସ୍ରୋତ ହ୍ରାସ ପାଇ ଏବେ ଶୁଖିଲା ପଡ଼ିଛି। ଶୁଖିଲା ପଡ଼ିଥିବା ଏହି ନଦୀକୁ ଲୋକେ ଆବର୍ଜନା କୁଣ୍ଡ ଭାବେ ବ୍ୟବହାର କରୁଛନ୍ତି। ଫଳରେ ଯେଉଁ ଅଳ୍ପ କିଛି ସ୍ଥାନରେ ପାଣି ଅଛି ତାହା ମଧ୍ୟ ଏହି ଅବର୍ଜନା ଯୋଗୁଁ ବିଷାକ୍ତ ହୋଇଗଲାଣି। ନିମାପଡ଼ା, ଗୋପ ଅଞ୍ଚଳର ଚାଷୀମାନେ ଚାଷ ପାଇଁ କୁଶଭଦ୍ରା ନଦୀ ଉପରେ ନିର୍ଭର କରିଥାନ୍ତି। କିନ୍ତୁ ଏବେ କେଉଁଠି ପାଣି ଅଭାବରୁ ଚାଷୀ ନିଜ ଚାଷ କାର୍ଯ୍ୟ ବନ୍ଦ କଲେଣି ତ କେଉଁଠି ଭୂତଳ ଜଳସ୍ତରଠାରେ ଲଗାଯାଇଥିବା ନଳକୂଅରୁ ପାଣି କିଣି କିଣି ନକେଦମ୍ ହେଲେଣି। ଫଳରେ ହଜାର ହଜାର ଚାଷୀ ଆଜି ଚାଷରୁ ମୁହଁ ଫେରାଇ ଦାଦନ ଗଲେଣି। ଅତୀତରେ କୁଶଭଦ୍ରା ନଦୀରେ ପର୍ଯ୍ୟାପ୍ତ ପାଣି ସହିତ ଭରପୂର ବାଲି ରହୁଥିଲା। କିନ୍ତୁ ବର୍ତ୍ତମାନ ନା ଅଛି ଜଳସ୍ରୋତ ନା ଅଛି ବାଲି। ଭୂତଳ ଜଳସ୍ତର ହ୍ରାସ ପାଉଥିବାରୁ ନଦୀ ଅବବାହିକାରେ ପିଇବା ପାଣି ସମସ୍ୟା ଏବେଠାରୁ ଉତ୍କଟ ହେଲାଣି। ବହୁ ବର୍ଷ ହେବ ଅନେକ ସ୍ଥାନରେ ଥିବା ନଳକୂଅରୁ ପାଣି ବାହାରୁନାହିଁ। କୁଶଭଦ୍ରାର ପୁନରୁଦ୍ଧାର ସହିତ ନଦୀକୁ ଚିରସ୍ରୋତା କରିବା ନିମନ୍ତେ ବିଭିନ୍ନ ସଂଗଠନ ସହିତ ସ୍ଥାନୀୟ ଲୋକଙ୍କ ପକ୍ଷରୁ ବାରମ୍ବାର ଦାବି ହେଉଥିଲେ ମଧ୍ୟ ସରକାରୀସ୍ତରରେ ବର୍ତ୍ତମାନ ସୁଦ୍ଧା କୌଣସି ଯୋଜନା ପ୍ରସ୍ତୁତ କରାଯାଇ ନାହିଁ। ଯଦି ଏବେଠାରୁ ସରକାରୀସ୍ତରରେ ଏହାକୁ ନିୟନ୍ତ୍ରଣ କରା ନ ଯାଏ ତେବେ ଆଗକୁ କୁଶଭଦ୍ରା ନଦୀ ଇତିହାସ ହୋଇ ରହିଯିବ ବୋଲି କୁଶଭଦ୍ରା ବଞ୍ଚାଅ ଅଭିଯାନର ଆବାହକ ଭୂତତ୍ତ୍ୱବିତ୍ ମାନସ ରଞ୍ଜନ ସ୍ୱାଇଁ ଓ ଶିକ୍ଷାବିତ୍ ଆଦର୍ଶ ଦାଶ ପ୍ରମୁଖ ମତପ୍ରକାଶ କରିଛନ୍ତି। ସବୁଠାରୁ ବଡ଼ କଥା ହେଲା କୁଶଭଦ୍ରା ଉପକୂଳର ସବୁଜ ବନାନୀ ଧୀରେ ଧୀରେ ଲୋପ୍ ପାଇବାକୁ ବସିଲାଣି। ପୂର୍ବରୁ ପର୍ଯ୍ୟଟକମାନେ ପୁରୀ-କୋଣାର୍କ ଯାଉଥିବାବେଳେ ଅଞ୍ଚଳର ସବୁଜିମାକୁ ମନଭରି ଉପଭୋଗ କରୁଥିଲେ। ଏବେ କିନ୍ତୁ ସବୁ କିଛି ଉଜୁଡ଼ି ଗଲାଣି। ଏହି ନଦୀର ପୁନରୁଦ୍ଧାର ପାଇଁ ବିଭିନ୍ନ ସଂଗଠନ ପକ୍ଷରୁ ସରକାରଙ୍କ ନିକଟରେ ଦାବି ହୋଇଛି।

## ଯାଦବ ମହାସଭାର ସାଂଗଠନିକ ବୈଠକ

ଚାରିଛକ,୧୨।୪(ସମିସ): ଚାରିଛକସ୍ଥିତ ଏକାନ୍ତ ଆଶ୍ରମ ପରିସରରେ ଚାରିଛକ



ଜୋନ୍ ଯାଦବ ମହାସଭାର ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜୋନ୍ ସଭାପତି ରାମଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଉକ୍ତ ଜୋନ୍‌ର ପ୍ରତି ପଞ୍ଚାୟତରେ ବୈଠକ କରିବା ପାଇଁ ସ୍ଥିର କରାଯାଇଥିଲା। ଏଥିରେ ଦୁଇଜଣ ମହିଳାଙ୍କ ସମେତ ୧୦ଜଣ ସଭ୍ୟ ମନୋନୀତ କରାଯାଇଛି। ବୈଠକରେ ସମ୍ପାଦକ ଶରତ ବେହେରା, କୈଳାସ ବେହେରା, ଟୁକୁନା ବେହେରା, କୃଷ୍ଣଚନ୍ଦ୍ର ବେହେରା, ଅକ୍ଷୟ ବେହେରା, ବୈଷ୍ଣବ ଚରଣ ଡାଲୁଆ, ଉପଦେଷ୍ଟା ରାମଚନ୍ଦ୍ର ଜେନା, ବେଣୁଧର ବେହେରା ପ୍ରମୁଖ ଯୋଗଦେଇଥିଲେ।

# ଫଳକ ପୋତାରେ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀର ବିକାଶ

## କାମ ଶୂନ, ଭାଷଣ ପ୍ରବଳ

ନୟାଗଡ଼, ୧୨।୪(ସମିସ)

ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀରେ ଫଳକ ପୋତି ବିକାଶର ଡିଣ୍ଡିମ ପିଟାଯାଉଥିବା ବେଳେ ବାସ୍ତବତା କିନ୍ତୁ ଭିନ୍ନ। କାମ ଆଦୌ ହୋଇପାରୁ ନ ଥିବା ବେଳେ ସମୟ ଅତିବାହିତ ହୋଇଚାଲିଛି। ଖଣ୍ଡପଡ଼ାରେ ବିକାଶ ଓ ଉନ୍ନୟନ କାର୍ଯ୍ୟ ଠପ ହୋଇଯାଇଥିବା ବେଳେ ନିର୍ବାଚନ ମଣ୍ଡଳୀରେ ଫଳକ ସଂଖ୍ୟା କିନ୍ତୁ ବଢ଼ି ଚାଲିଛି। ଗତବର୍ଷ ଭାପୁର ବ୍ଲକ କରବର ପଞ୍ଚାୟତ ଗୁଡୁପଡ଼ାଠାରୁ ବଡ଼ବର ମହାନଦୀ ବନ୍ଧର ଦକ୍ଷିଣପାର୍ଶ୍ୱ ସୁରକ୍ଷା ପାଇଁ ଶିଳାନ୍ୟାସ ହୋଇଥିଲା। ମୋଟ ୧୧ କୋଟି ୭୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ବନ୍ଧର ସୁରକ୍ଷା ସହ ବୁରୁଜ ନିର୍ମାଣ ହୋଇଥାନ୍ତା। ମାତ୍ର ଶିଳାନ୍ୟାସର ବର୍ଷେ ବିତିଥିଲେ ମଧ୍ୟ ପ୍ରକଳ୍ପ କାର୍ଯ୍ୟ ହୋଇ ନ ଥିବା ଦେଖାଯାଇଛି। ମହାନଦୀ ବନ୍ଧ ସୁରକ୍ଷା ଏବେ ଫାଇଲ ତଳେ ବନ୍ଧା ପଡ଼ିଛି। କାମ କରିବା ଦିଗରେ ବିଭାଗୀୟ ଉଦାସୀନତା ଯୋଗୁଁ ଇତିମଧ୍ୟରେ ୧୪ ମାସ ବିତିଲାଣି। ଫଳରେ ମହାନଦୀ ବନ୍ଧର ସୁରକ୍ଷା କାଗଜପତ୍ରରେ ଓ ଶିଳାନ୍ୟାସରେ ଚାଲିଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ଜନପ୍ରତିନିଧି। କିଛି ମାସ ପରେ ମୌସୁମୀ ଜନିତ ବର୍ଷା ଯୋଗୁଁ ମହାନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ପ୍ରକାଶ ପାଇଥିବା ବେଳେ ନଦୀକୂଳିଆ ଗ୍ରାମବାସୀ ଚିନ୍ତାରେ ପଡ଼ିଛନ୍ତି। ଏ ନେଇ ଜଳସମ୍ପଦ ବିଭାଗ ଟେଣ୍ଡର ନିମନ୍ତେ ପ୍ରସ୍ତାବ ପଠାଇଥିବା ସୂଚନା ମିଳିଛି। ବିନା ଟେଣ୍ଡରରେ ଫଳକ ପୋତି କିଭଳି ଲୋକଙ୍କୁ ଭୁଆଁ ବୁଲାଯାଉଛି, ତାହା ଏଥିରୁ ସ୍ପଷ୍ଟ ହୋଇଛି। ସେହିଭଳି ପଠାଣି ସାମନ୍ତ ପ୍ଲାନେଟୋରିୟମ ଏବଂ ବିଜ୍ଞାନ କେନ୍ଦ୍ର କେବେ ନିର୍ମାଣ ହେବ ବୋଲି ଖଣ୍ଡପଡ଼ାବାସୀ ପ୍ରଶ୍ନ ଉଠାଇଛନ୍ତି। ଏହା ବାଦ କଣ୍ଟିଲୋ ନୀଳମାଧବ ପୀଠ ବିକାଶ କାର୍ଯ୍ୟ ଏକରକମ ବନ୍ଦ ହୋଇପଡ଼ିଥିବା ବେଳେ ନୀଳମାଧବ ମହାବିଦ୍ୟାଳୟରେ ୧ କୋଟି ୬୦ ଲକ୍ଷ ଟଙ୍କାର ଶିଳାନ୍ୟାସ ଦେଖି ଛାତ୍ରଛାତ୍ରୀ ନାକ ଟେକୁଛନ୍ତି। ବର୍ଷେ ବିତିଥିଲେ ବି ମହାବିଦ୍ୟାଳୟ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀର ବିଭିନ୍ନ କାର୍ଯ୍ୟ ପାଇଁ କେବଳ ଶିଳାନ୍ୟାସ ହୋଇ ଚାଲିଥିବା ବେଳେ କାମ ଆରମ୍ଭ ନ ହେବା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବଡ଼ ବଡ଼ ଭାଷଣ ଦେଉଥିବା ନେତା କୋଉ କାମକୁ ନୁହେଁ ବୋଲି ମତ ପ୍ରକାଶ ପାଇଛି।

### ● ପୁନରୁଦ୍ଧାର ହେଲାନି ଅର୍ଜୁନ ସର

ନୟାଗଡ଼, ୧୨।୪(ସମିସ): ଖଣ୍ଡପଡ଼ା ବ୍ଲକ ସିଧାମୂଳା ପଞ୍ଚାୟତ ଅକୁରାବନ୍ଧ ଗାଁର ଅର୍ଜୁନ ସର କେବେ ପୁନରୁଦ୍ଧାର ହେବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ବିରାଟ ଜଳାଶୟ ବଳରାମପ୍ରସାଦ, ଅକୁରାବନ୍ଧ ଏବଂ ସିଧାମୂଳା ଗ୍ରାମ ମୌଜାରେ ଥିବା ବେଳେ ତିନି ଗ୍ରାମର ୧୦ ହଜାର ଲୋକ ବିଗତ ଦିନରେ ଏହା ଉପରେ ପାନୀୟ ଜଳ ସଂଗ୍ରହଠାରୁ ଆରମ୍ଭ କରି ଗାଧୁଆ ଏବଂ ଜଳସେଚନ ପାଇଁ ନିର୍ଭର କରୁଥିଲେ। ଦେଢ଼ କିଲୋମିଟର ଲମ୍ବ ଏବଂ ଦୁଇ ଶହ ମିଟର ଓସାର ଏହି ଜଳାଶୟରେ ଅକାତକାତ ପାଣି ରହୁଛି। ନିକଟରେ ମହାନଦୀ ପ୍ରବାହିତ ହେଉଥିବାରୁ ଏଥିରେ ବର୍ଷସାରା ପାଣି ଭରି ରହିଥାଏ। ଅର୍ଜୁନସରକୁ ନେଇ ଅନେକ ପୌରାଣିକ କଥା ରହିଛି। ୧୭.୬୩ ଏକର ବିଶିଷ୍ଟ ଏହି ଜଳାଶୟର ପୁନରୁଦ୍ଧାର ପାଇଁ ଡ୍ରେନେଜ ବିଭାଗ ଅଧିକାରୀ ସୂଚନା ପ୍ରଦାନ କରିଥିଲେ। ଏଥିପାଇଁ ଅର୍ଥ ମଞ୍ଜୁର ହୋଇଥିଲେ ମଧ୍ୟ ବର୍ଷ ପରେ ବର୍ଷ ବିତିଥିବା ବେଳେ ଡ୍ରେନେଜ୍ କିମ୍ବା ଜଳସମ୍ପଦ ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ସ୍ଥାନୀୟ ଜନପ୍ରତିନିଧିମାନେ ଲୋକଙ୍କୁ ଭାଷଣ ଦେଇ ଭୋଟ ହାତେଇବା ପରେ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ତୁରନ୍ତ ଅର୍ଜୁନସର ପୁନରୁଦ୍ଧାର ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରୁଛନ୍ତି।

# ଗଣିଆ ତଳ ବଜାରରେ ବିରଳ ପକ୍ଷୀ



ଗଣିଆ, ୧୨।୪(ସମିସ): ଗଣିଆ ତଳ ବଜାରରେ ରବିବାର ରାତି ୯ଟାରେ ଏକ ବିରଳ ପକ୍ଷୀ ଦେଖିବାକୁ ମିଳିଛି। ତଳବଜାରରେ ଥିବା ଗ୍ରୀଲ ଦୋକାନ ସମ୍ମୁଖରେ ପକ୍ଷୀଟି ଦେଖାଯାଇଥିବା ବେଳେ ସେଠାରେ ଅନେକ ଲୋକ ରୁଣ୍ଡ ହୋଇ ଫଟୋ ଉଠାଇଥିଲେ। କେହି ଏହାକୁ ଗରୁଡ଼ ପକ୍ଷୀ ବୋଲି କହୁଥିବା ବେଳେ କେହି ପେଚା ବୋଲି କହିଛନ୍ତି। ପକ୍ଷୀର ମୁହଁ ଗରୁଡ଼ ଭଳି ହୋଇଥିବା ବେଳେ ଲମ୍ବା ଥଣ୍ଟ ଥିବା ଦେଖିବାକୁ ମିଳିଛି। ଗଣିଆ ଅଞ୍ଚଳରେ ଏଭଳି ବିରଳ ପକ୍ଷୀ ଆଗରୁ ଦେଖାଯାଇ ନ ଥିବାରୁ ଏହାକୁ ଦେଖିବାକୁ ଲୋକଙ୍କ ଭିଡ଼ ଜମିଥିଲା।

# ଦଣ୍ଡପର୍ବରେ ସାମିଲ ହେଲେ ଖଣ୍ଡିଆ ରାଜା



ଖଣ୍ଡପଡ଼ା, ୧୨।୪(ସମିସ): ଖଣ୍ଡପଡ଼ା ବ୍ଲକ ଅଧୀନ ବିଭିନ୍ନ ଗ୍ରାମରେ ଦଣ୍ଡ କାମେନାଙ୍କ ନିଷ୍ଠାର ପର୍ବ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଏ ଅବସରରେ ଗାଁ ପରିକ୍ରମା କରିଛନ୍ତି ଖଣ୍ଡିଆ ରାଜା। ଏଭଳି ନିଆରା ଦୃଶ୍ୟ ଦେଖିବାକୁ ମିଳିଛି ଖଣ୍ଡପଡ଼ା ବ୍ଲକ ବାହାଡ଼ା ଗ୍ରାମରେ। ଅଞ୍ଚଳରେ ଭାଇଚାରା, ଶାନ୍ତିଶୃଙ୍ଖଳା ସହ ହିଂସା ଦ୍ୱେଷ ପରିହାର କରିବାର ସାମାଜିକ ବାର୍ତ୍ତା ଦେଇଛି ଏହି ନିଆରା ଉତ୍ସବ। ସୂଚନା ଅନୁଯାୟୀ ଡଗରା ଖଣ୍ଡିଆ ରାଜା ବେଶ ସହ ଏକ ଆଧାତ୍ମିକ ପରିବେଶରେ ନିଜ ସୈନ୍ୟ ସାମନ୍ତଙ୍କୁ ନେଇ ନଗର ପରିକ୍ରମା କରିଥିଲେ। ଅବିକଳ ରାଜରାଜୁଡ଼ା ଶାସନ ସହ ମେଳ ଖାଉଥିବା ଭିନ୍ନ ଏହି ପରମ୍ପରା ବାବଦରେ ଲୋକଙ୍କୁ ସଚେତନ କରାଇଥିଲେ ସ୍ଥାନୀୟ କଳାକାର। ବିଭିନ୍ନ ବେଶରେ ସଜ୍ଜିତ ହୋଇ ଗ୍ରାମର କଳାକାରମାନେ ଗ୍ରାମ ପରିକ୍ରମା କରିଥିବା ବେଳେ ସ୍ଥାନୀୟ ବାସିନ୍ଦା ମଧ୍ୟ ଏହାକୁ ବେଶ୍ ଉପଭୋଗ କରିଥିଲେ। ପ୍ରାୟ ୯ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ଏହି ପରମ୍ପରା ଗ୍ରାମରେ ଚାଲି ଆସୁଥିବା ନେଇ ଖଣ୍ଡିଆ ରାଜା ବେଶରେ ଅଭିନୟ କରୁଥିବା ପୂର୍ଣ୍ଣଚନ୍ଦ୍ର ବେହେରା କୁହନ୍ତି। ଉତ୍ସବରେ ଗ୍ରାମର ସମସ୍ତ ଜନସାଧାରଣ ସକ୍ରିୟ ସହଯୋଗ କରିଥିଲେ।

# ଚାକିରି ଛାଡ଼ି ଅଭିନୟ ନିଶାରେ ବିଶ୍ୱଭୂଷଣ



## ଦର୍ଶକଙ୍କୁ କରୁଛନ୍ତି ମତୁଆଲା

ଗଣିଆ, ୧୨।୪(ସମିସ): ପିଲାବେଳୁ ଅଭିନୟର ନିଶା ଘାରିଥିଲା। ଜଣେ କଳାକାର ହେବାକୁ ସ୍ୱପ୍ନ ଦେଖୁ ଦେଖୁ ଆଜି ସ୍ୱପ୍ନ ସତରେ ପରିଣତ ହୋଇଛି। ନିଜ ଅଭିନୟ ଯାଦୁରେ ଦର୍ଶକଙ୍କୁ ମତୁଆଲା କରୁଥିବା ଯୁବକ ଜଣକ ହେଉଛନ୍ତି ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ କିଶୋର ପ୍ରସାଦ ପଞ୍ଚାୟତ ପତଣ୍ଡା ଗ୍ରାମର ବିମଳ କୁମାର ପଣ୍ଡାଙ୍କ ପୁଅ ବିଶ୍ୱଭୂଷଣ ପଣ୍ଡା। ବେଲପଡ଼ାପାଟଣା ଦଧିବାମନଜୀଉ ଉଚ୍ଚ ବିଦ୍ୟାଳୟରୁ ପ୍ରଥମ ଶ୍ରେଣୀରେ ମ୍ୟାଟ୍ରିକ ପରୀକ୍ଷା ଉତ୍ତୀର୍ଣ୍ଣ ହେବା ପରେ ଦଶପଲ୍ଲାରେ ରହି ଯୁକ୍ତଦୁଇ ପାଠ ପଢ଼ିଥିଲେ। ପରେ ପାଠପଢ଼ା ଛାଡି ମୁମ୍ବଇରେ ଏୟାର ହୋଷ୍ଟେସ ଭାବେ ଚାକିରି କରିଥିଲେ। କିନ୍ତୁ ପିଲାଦିନର ସେହି ଅଭିନୟ ନିଶାକୁ ଛାଡ଼ିପାରି ନ ଥିଲେ। ମୁମ୍ବଇରେ ରହିବା ପରେ ୩ ବର୍ଷ ଧରି ଆର୍ଟ କଲେଜରେ ପାଠ ପଢ଼ିଥିଲେ। ପରେ ଆଉ ପଛକୁ ଫେରି ଚାହିଁ ନାହାନ୍ତି ବିଶ୍ୱଭୂଷଣ। ଓଡ଼ିଶାକୁ ଆସିବା ପରେ ଅନେକ ଟିଭି ଧାରାବାହିକ, ସିନେମାରେ ସେ ଦମଦାର ଅଭିନୟ କରିଛନ୍ତି। ୨୦୨୧ରେ ବିବାହ ବନ୍ଧନରେ ବାନ୍ଧି ହେବା ପରେ ଧର୍ମପତ୍ନୀ ରୂପାଲି ରଥ ତାଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିଛନ୍ତି। ମାତ୍ର ୩୨ ବର୍ଷ ବୟସରେ ଚରିତ୍ର ଅଭିନୟଠାରୁ ଆରମ୍ଭ କରି ଖଳନାୟକ ପର୍ଯ୍ୟନ୍ତ ସମସ୍ତ ଚରିତ୍ରରେ ନିଖୁଣ ଅଭିନୟ କରି ଦର୍ଶକଙ୍କ ହୃଦୟ ଜିତିଛନ୍ତି। ଅନେକ ଓଡ଼ିଆ ସିରିଏଲରେ ନିଜ ଅଭିନୟ ଜାରି ରଖିବା ପରେ ସେ ଯାତ୍ରା ଦୁନିଆରେ ପାଦ ଥାପିଛନ୍ତି। ସମ୍ପ୍ରତି ସେ ଓଡ଼ିଶାର ବିଗ୍ ବଜେଟ୍ ଯାତ୍ରା ଅନୁଷ୍ଠାନ ଓଁକାରରେ ଅଭିନୟ କରୁଛନ୍ତି। ରାତିରେ ଯାତ୍ରାରେ ଅଭିନୟ ସହିତ ଦିନରେ ସିରିଏଲ ଏବଂ ସିନେମାରେ ଅଭିନୟ କରନ୍ତି। ଏତେ କମ୍ ବୟସରେ ଏତେ ପ୍ରତିଭାର ଅଧିକାରୀ, ଏତେ ନିଖୁଣ ଅଭିନୟ ଦର୍ଶକଙ୍କ ମନକୁ ଆନ୍ଦୋଳିତ କରୁଛି ଏଥିରେ ସନ୍ଦେହ ନାହିଁ। ଓଁକାର ଯାତ୍ରାର ବହୁଚର୍ଚ୍ଚିତ ନାଟକ 'ଏ ପୁଅ ତୁ କାହା ଝିଅ'ରେ ତାଙ୍କ ଅଭିନୟ ବେଶ୍ ହୃଦୟସ୍ପର୍ଶୀ ବୋଲି ତାଙ୍କ ଗୁରୁ ସମୀର କୁମାର ମହାପାତ୍ର ପ୍ରକାଶ କରିଛନ୍ତି। ଦୃଢ଼ ଇଚ୍ଛାଶକ୍ତି ଆଗରେ ପ୍ରତିବନ୍ଧକ ଯେ ହାର୍ ମାନେ ଏହା ପ୍ରମାଣିତ କରିଛନ୍ତି ବିଶ୍ୱଭୂଷଣ। ସ୍ୱାମୀ-ସ୍ତ୍ରୀ ଏବେ ସାମାଜିକ ଗଣମାଧ୍ୟମରେ ଭ୍ଲଗ କରି ଚର୍ଚ୍ଚିତ ହୋଇଛନ୍ତି। ଗଣିଆ ବ୍ଲକ ପତଣ୍ଡା ଭଳି ଏକ ଅନୁନ୍ନତ ଗ୍ରାମରୁ ଯାଇ ଏତେ ସଫଳତା ଲାଭ କରିଥିବାରୁ ଅଞ୍ଚଳବାସୀ କୃତଜ୍ଞତା ଜ୍ଞାପନ କରିଛନ୍ତି। ଆଗକୁ ଏଭଳି ଅଭିନୟ ଜାରି ରଖିବେ ବୋଲି ବିଶ୍ୱଭୂଷଣ କହିଛନ୍ତି।

# ଗ୍ୟାସ ସିଲିଣ୍ଡର ଫାଟି ୪ ଗୁରୁତର

ରଣପୁର, ୧୨।୪(ସମିସ): ରଣପୁର ଏନ୍ଏସି ଦକ୍ଷଣ୍ଡସାହିର ଅବସରପ୍ରାପ୍ତ ସେନା କର୍ମଚାରୀ ସନ୍ତୋଷ ପ୍ରହରାଜଙ୍କ ଘରେ ଗ୍ୟାସ ସିଲିଣ୍ଡର ଲିକେଜରୁ ବିସ୍ଫୋରଣ ଘଟି ୪ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ମଣ୍ଟୁ ପ୍ରହରାଜ (୨୫), ଗୀତାରାଣୀ ମହାନ୍ତି (୭୦), ସନ୍ତୋଷ ପ୍ରହରାଜ (୬୦) ଓ ନଟଶ୍ରୀ ପ୍ରହରାଜ (୧୭)। ଏମାନଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଏହି ଦୁର୍ଘଟଣାରେ ଅଇଁଠୁ ବାରିକ (୪୦) ଓ ବିଜୟଲକ୍ଷ୍ମୀ ମହାନ୍ତି (୩୫) ସାମାନ୍ୟ ଆହତ ହୋଇଛନ୍ତି। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ କରିବା ସହ ସମସ୍ତଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲେ।

# ସମାଜସେବା ପାଇଁ ଉତ୍ସର୍ଗୀକୃତ ମହାବୀର ସେବା ସଙ୍ଗଠନ



ଭାପୁର, ୧୨।୪(ସମିସ): ସମାଜସେବୀ ପାଇଁ ଯୁବ ସମାଜ ଆଗେଇ ଆସିବା ଏକ ଶୁଭ ଲକ୍ଷଣ। ଭାପୁର ବ୍ଲକର କେତେକ ଯୁବକ ଅସହାୟଙ୍କୁ ସାମାଜିକ, ଆର୍ଥିକ ଶାରୀରିକ, ଆଇନଗତ ସହାୟତାର ହାତ ବଢ଼ାଇବା ଓ ସମାଜସେବା ପାଇଁ ରାଜନୀତିର ଉର୍ଦ୍ଧ୍ୱକୁ ଯାଇ ଏକ ସଙ୍ଗଠନ ଗଠନ କରି ଚର୍ଚ୍ଚାରେ ରହିଛନ୍ତି। ସଙ୍ଗଠନର ପୂର୍ବରୁ ଥିବା ନାମକୁ ପରିବର୍ତ୍ତନ କରାଯାଇ 'ମହାବୀର ସେବା ସଙ୍ଗଠନ' ନୂତନ ନାମକରଣ କରାଯାଇଥିଲା। ଏହି ସଙ୍ଗଠନର ଏକ ପରିବର୍ଦ୍ଧିତ ବୈଠକ ରବିବାର ଭାପୁର ହନୁମାନ ମନ୍ଦିର ପରିସରରେ ଆୟୋଜିତ ହୋଇଥିଲା। ସଭା ପରିଚାଳନା କରିଥିଲେ କାଳନ୍ଦୀ ଚରଣ ସେଠୀ। ଅନୁଷ୍ଠାନର ସଭାପତି ଭାବେ ସଂଗ୍ରାମ ନାଥଶର୍ମା ନିର୍ବାଚିତ ହୋଇଥିଲେ। ମୁଖ୍ୟଅତିଥି ଭାବେ ଆଇନଜୀବୀ ପ୍ରଦୀପ କୁମାର ପ୍ରଧାନ ଯୋଗଦେଇ ଯୁବକମାନଙ୍କ ସେବା ମନୋବୃତ୍ତିକୁ ପ୍ରଶଂସା କରିଥିଲେ। ରାଜନୀତିରୁ ଉର୍ଦ୍ଧ୍ୱରେ ରହି କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ସଭାପତି ସୂଚନା ଦେଇଥିଲେ। ସଙ୍ଗଠନକୁ ଅଧିକ କ୍ରିୟାଶୀଳ କରିବା ପାଇଁ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଅଧିକ ଯୁବକଙ୍କୁ ସାମିଲ କରିବାକୁ ସ୍ଥିର କରାଯାଇଛି।

# ମା' ବାଟ ମଙ୍ଗଳାଙ୍କ ମନ୍ଦିର ରତ୍ନମୁଦ ଉତ୍ସବ



ନୟାଗଡ଼, ୧୨।୪(ସମିସ): ନୟାଗଡ଼ ସହର ୧୧ ନମ୍ବର ୱାର୍ଡ ବାରମାସୀ ଦଣ୍ଡା ନିକଟରେ ମା' ବାଟମଙ୍ଗଳାଙ୍କ ନୂତନ ମନ୍ଦିର ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଛି। ପଣ୍ଡିତଙ୍କ ଦ୍ୱାରା ପୂଜାପାଠ ଓ ହୋମଯଜ୍ଞ ହୋଇଥିଲା। ଏହା ସହିତ ନାମ ସଂକୀର୍ତ୍ତନ ଧ୍ୱନିରେ ପରିବେଶ ଭକ୍ତିମୟ ହୋଇଯାଇଥିଲା। ହୋମଯଜ୍ଞରେ କର୍ତ୍ତା ଭାବେ ଗୋପୀନାଥ ମହାନ୍ତି ଓ ନରସିଂହ ପୃଷ୍ଟି ବସିଥିଲେ। ୱାର୍ଡର କାଉନସିଲର ଅକ୍ଷୟ କୁମାର ବିଶ୍ୱାଳଙ୍କ ନେତୃତ୍ୱ ଏବଂ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବାରମାସୀ ଦଣ୍ଡା ଅଞ୍ଚଳରେ ପୂର୍ବରୁ କୌଣସି ମନ୍ଦିର ନ ଥିବାରୁ ଏହି ମନ୍ଦିର ନିର୍ମାଣ ନେଇ ଅଞ୍ଚଳବାସୀ ଖୁସିବ୍ୟକ୍ତ କରିଛନ୍ତି। ଉତ୍ସବରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ପୂର୍ବତନ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ, ପୌରାଧ୍ୟକ୍ଷା ନିରୁପମା ଖଟେଇ, ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, ଜିଲ୍ଲା ଓକିଲ ସଂଘ ସମ୍ପାଦକ ସ୍ୱଦେଶ ମିଶ୍ର, ବରିଷ୍ଠ ସାମ୍ବାଦିକ ଶ୍ରୀକାନ୍ତ ଖଟେଇ, ସମାଜସେବୀ ଲକ୍ଷ୍ମୀପ୍ରିୟା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

# ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ

ଭାପୁର, ୧୨।୪(ସମିସ): ଭାପୁର ବ୍ଲକ ବିଜିପୁର ପଞ୍ଚାୟତ ବିଜୁପୁର ଗ୍ରାମ ଦାଣ୍ଡସାହିର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଲେଖ ମହାରଣାଙ୍କର ଶନିବାର ରାତିରେ ପରଲୋକ ହୋଇଛି। ସେ କିଛିଦିନ ହେଲା ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ସେ ଏକାଧାରରେ ଜଣେ ଶିକ୍ଷାବିତ, ରାମଲୀଳା କଳାକାର ଓ ଉନ୍ନତ କାଠ କାରିଗର ସହ ଅନେକ ବର୍ଷ ଧରି ବିଜିପୁର ଗ୍ରାମ କମିଟି ସଭାପତି ଥିଲେ। ତାଙ୍କ ଦେହାନ୍ତରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ ନିତ୍ୟାନନ୍ଦ ମହାରଣା ମୁଖାଗ୍ନି ଦେଇଥିଲେ।

# ସିଏମ ଟ୍ରଫି ଆନ୍ତଃ କ୍ଲବ ଓ ଆନ୍ତଃଜିଲ୍ଲା କବାଡ଼ି ପ୍ରତିଯୋଗିତା

ନୟାଗଡ଼, ୧୨।୪(ସମିସ): ନୟାଗଡ଼ ଜିଲ୍ଲା କ୍ରୀଡ଼ା ବିଭାଗ ଓ କ୍ରୀଡ଼ା ସଂଘ ସୌଜନ୍ୟରୁ ସ୍ଥାନୀୟ ଷ୍ଟାଡିଅମରେ ସିଏମ ଟ୍ରଫି ଆନ୍ତଃ କ୍ଲବ ଓ ଆନ୍ତଃଜିଲ୍ଲା କବାଡ଼ି ପ୍ରତିଯୋଗିତା ଜିଲ୍ଲାପାଳ ମଧୁମିତା ରଥଙ୍କ ଦ୍ୱାରା ଉଦଘାଟିତ ହୋଇଛି। ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ରଥଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦଘାଟନୀ ସଭାରେ ଜିଲ୍ଲାପାଳ ରଥ ମୁଖ୍ୟଅତିଥି, ଜିଲ୍ଲା ପରିଷଦ ସଭାପତି ଇଂ ଦେବାଶିଷ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲ୍ଲା ଆଥଲେଟିକ୍ ଆସୋସିଏସନ ସମ୍ପାଦକ ଅଶେଷ କୁମାର ଦାଶ, ଜିଲ୍ଲା କ୍ରୀଡ଼ା ସଂସଦ ଉପସଭାପତି ଭବାନୀ ଶଙ୍କର ଦାସ, ବିନାୟକ ପ୍ରସାଦ ରାଓ, ସଭ୍ୟ ସୁରେନ୍ଦ୍ର କୁମାର ସେଠୀ, ପ୍ରଶାନ୍ତ କୁମାର ଦାସ, ଖେଳ ଶିକ୍ଷକ ସନ୍ନ୍ୟାସୀ ପ୍ରଧାନ, ବିରଞ୍ଚି ନାରାୟଣ ବେହେରା, ଉମାକାନ୍ତ ମିଶ୍ର, ପ୍ରଦୀପ୍ତ ଚିତ୍ତରଞ୍ଜନ ସାହୁ, ଜିଲ୍ଲା କ୍ରୀଡ଼ା ଅଧିକାରୀ ସୁଜାତା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।



# ଫାଇନାଲରେ ରଘୁନାଥ ଆଥଲେଟିକ୍ ଆସୋସିଏସନ



ଓଡ଼ଗାଁ, ୧୨।୪(ସମିସ): ଓଡ଼ଗାଁ ମିନି ଷ୍ଟାଡିୟମରେ ରଘୁନାଥ ଆଥଲେଟିକ୍ ଆସୋସିଏସନ (ଆରଏଏ) ପକ୍ଷରୁ ଆୟୋଜିତ ପ୍ରଥମ ୨୦ ବର୍ଷରୁ କମ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିନରେ ରବିବାର ଖେଳାଯାଇଥିବା ମ୍ୟାଚରେ ଓଡ଼ଗାଁ (ଆରଏଏ) ଦଳ ବାଙ୍କତରାକୁ ପରାସ୍ତ କରି ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ଓଡ଼ଗାଁ (ଆରଏଏ) ପ୍ରଥମେ ବୋଲିଂ କରିଥିଲା। ବାଙ୍କତରା ଦଳ ନିର୍ଦ୍ଧାରିତ ୧୨ ଓଭରରେ ୮ ୱିକେଟ ହରାଇ ୯୨ ରନ୍ ସଂଗ୍ରହ କରିଥିଲା। ଦଳର ପକ୍ଷରୁ ଶେଖର ୨୦ ବଲରେ ୩୮ ରନ୍ କରି ସ୍କୋରକୁ ସମ୍ମାନଜନକ ସ୍ଥିତିରେ ପହଞ୍ଚାଇଥିଲେ। ଜବାବରେ ଓଡ଼ଗାଁ (ଆରଏଏ) ଦଳ ୧୦ ଓଭରରେ ୮ ୱିକେଟ ହରାଇ ୯୫ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳର ଶୁଭ ୧୮ ବଲରେ ୩୫ ରନ୍ କରି ବିଜୟରେ ମୁଖ୍ୟ ଭୂମିକା ନେଇଥିଲେ। ଏହି ମ୍ୟାଚରେ ଓଡ଼ଗାଁ ଦଳର ଆର୍ଯ୍ୟନ ଅସାଧାରଣ ବୋଲିଂ କରି ଗୋଟିଏ ଓଭରରେ ଲଗାତର ୩ ୱିକେଟ ନେଇ ହ୍ୟାଟ୍ରିକ ସହ ମୋଟ ୫ଟି ୱିକେଟ ହାସଲ କରିଥିଲେ। ଏହି ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷିତ କରାଯାଇଥିଲା। ରଘୁନାଥ ଆଥଲେଟିକ୍ ଆସୋସିଏସନର ଭେଟରାନ ଖେଳାଳି ବାଦଲ ମହାପାତ୍ର ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରାଜଶେଖର, ରାମେଶ୍ୱର ସାହୁ, ତୁଷାର, ତୋଫାନ, ବିକାଶ, ଲିଟି, ସାଇ, ସୌମ୍ୟରଞ୍ଜନ, ସୁନୀଲ, କିଷନ ଓ ଚନ୍ଦନ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ। ସୋମବାର ଅପରାହ୍ନରେ ଗୁଣ୍ଡାସାହି ଓ ମଶାବାରୀ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।

## ଓଡ଼ିଆ ପକ୍ଷ ପାଳନ, କବିତା ପାଠ ଓ ଆଲୋଚନା

# ସୁଯୋଗ୍ୟ ସନ୍ତାନଙ୍କ ପାଇଁ ନୟାଗଡ଼ ସାରା ବିଶ୍ୱରେ ପରିଚିତ

ନୟାଗଡ଼, ୧୨।୪(ସମିସ)



ଓଡ଼ିଆ ପକ୍ଷ ଅବସରରେ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ରବିବାର ଆଲୋଚନାଚକ୍ର ଓ କବିତା ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲ୍ଲା ସଂସ୍କୃତି ଅଧିକାରୀ ସୁମିତ୍ରା ଭୂୟାଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ନୟାଗଡ଼ ପୌରାଧ୍ୟକ୍ଷା ନିରୁପମା ଖଟେଇ, ଜିଲ୍ଲାପାଳ ମଧୁମିତା ରଥ, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶ ଯୋଗଦେଇଥିଲେ। ଆଜି ଗୋବିନ୍ଦ ଚନ୍ଦ୍ର ସୁରଦେଓ ଜୟନ୍ତୀ ଅବସରରେ ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ମୁଖ୍ୟଅତିଥି ତାଙ୍କ ବକ୍ତବ୍ୟରେ ଅଣଆଲୋଚିତ ବରପୁତ୍ରଙ୍କ ବିଷୟରେ ଆଲୋଚନା କରିବା ଆବଶ୍ୟକ ବୋଲି କହିଥିଲେ। ନୟାଗଡ଼ ମାଟିର ସୁଯୋଗ୍ୟ ସନ୍ତାନମାନେ ଏହି ମାଟିକୁ ସାରା ବିଶ୍ୱରେ ପରିଚିତ କରାଇଛନ୍ତି ବୋଲି କହିଥିଲେ। ଜିଲ୍ଲାପାଳ ତାଙ୍କ ବକ୍ତବ୍ୟରେ ଓଡ଼ିଆ ପକ୍ଷ ପାଳନ ସମ୍ପର୍କରେ ସରକାରଙ୍କ ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଉତ୍କଳ ପ୍ରଦେଶ ଗଠନରେ ବରପୁତ୍ର, ସ୍ୱାଧୀନତା ସଂଗ୍ରାମୀ, କବି ଓ ଲେଖକଙ୍କ ଭୂମିକା ସମ୍ପର୍କ ଆଲୋଚନା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଓଡ଼ିଆ ପକ୍ଷ ଅବସରରେ ବରପୁତ୍ରଙ୍କ ଉପରେ ଆଲୋଚନା କରିଥିଲେ। ପ୍ରତ୍ୟେକ କବି ଓ ଲେଖକଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମ ଆୟୋଜନ ହୋଇଥିବା କହିଥିଲେ। କାର୍ଯ୍ୟକ୍ରମରେ ନିର୍ମଳ ଚନ୍ଦ୍ର ସୁରଦେଓ, ପ୍ରଧାନୀ ବୃନ୍ଦାବନ ମହାପାତ୍ର, ଜୟେନ୍ଦ୍ର ବେହେରା, ଉଷାରାଣୀ ମିଶ୍ର, ରାମକୃଷ୍ଣ ରଥ, ପ୍ରଦୀପ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ୫୦ରୁ ଉର୍ଦ୍ଧ୍ୱ କବି ନୟାଗଡ଼ ଜିଲ୍ଲାର ବରପୁତ୍ରଙ୍କ ଉପରେ କବିତା ପାଠ କରିଥିଲେ। ସଂସ୍କୃତି ବିଭାଗ ସହ ତଥାସ୍ତୁ, ପରମ୍ପରା, ଲେଖକ ପରିଷଦ, ଶୁଭ୍ରାନିଲ, ମୈତ୍ରୀ, ସମ୍ବାଦ ସାହିତ୍ୟ ଘର, ସେତୁବନ୍ଧକୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସ୍କୃତି ବିଭାଗ କର୍ମଚାରୀ ଆକାଶ ଦାଶ, ସୂଚନା ଓ ଲୋକସମ୍ପର୍କ ବିଭାଗ କର୍ମଚାରୀ ସିଦ୍ଧାର୍ଥ ଦେଓ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କବି ଗୋପୀନାଥ ସେଠୀ, ନୀଳିମା ନନ୍ଦ କାର୍ଯ୍ୟକ୍ରମ ସଂଯୋଜନା କରୁଥିଲେ।

### ● ମାଇକ୍ ଚଡ଼ଚଡ଼, କବି ଛାତି ଧଡ଼ଧଡ଼

ନୟାଗଡ଼, ୧୨।୪(ସମିସ): ନୟାଗଡ଼ ପଞ୍ଚାୟତ ସମିତି ସଭାଗୃହରେ ଜିଲ୍ଲା ସଂସ୍କୃତି ବିଭାଗ ଆନୁକୂଲ୍ୟରେ ରବିବାର କବିତା ପାଠ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ତେବେ ସଭାଗୃହର ସାଉଣ୍ଡ ସିଷ୍ଟମ ଏତେ କଦର୍ଯ୍ୟ ଥିଲା ଯେ କବି ଓ ଆଲୋଚକମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। କବି ପଢୁଥିବା କବିତା ଶ୍ରୋତାଙ୍କୁ ସଠିକ୍ ଭାବେ ଶୁଣାଯାଉ ନ ଥିଲା। ଏ ନେଇ ଉପସ୍ଥିତ ଜଣେ କବି, ମାଇକ୍ ଚଡ଼ଚଡ଼, କବିର ଛାତି ଧଡ଼ଧଡ଼ ବୋଲି କହିଥିଲେ। ବିଗତ ଦିନରେ ଉକ୍ତ ସଭାଗୃହର ସାଉଣ୍ଡ ସିଷ୍ଟମ ଠିକ ନ ଥିବା ନେଇ ନୟାଗଡ଼ ବିଧାୟକ ମଧ୍ୟ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହାକୁ ସଜାଡ଼ିବାକୁ ପଞ୍ଚାୟତ ସମିତି ବୈଠକରେ ପରାମର୍ଶ ଦେଇଥିଲେ। ଏହା ମଧ୍ୟରେ ୪ ମାସ ବିତି ଯାଇଥିଲେ ମଧ୍ୟ ବ୍ଲକ ପ୍ରଶାସନ ସଭାଗୃହର ସାଉଣ୍ଡ ସିଷ୍ଟମ ସଜଡ଼ା ଯାଇ ନ ଥିବା ଦେଖାଯାଇଛି।

## ଜିଲ୍ଲାସ୍ତରୀୟ 'ବନ୍ଦନୀୟ ବରପୁତ୍ର' କାର୍ଯ୍ୟକ୍ରମ



ଖୋର୍ଦ୍ଧା,୧୨।୪(ସମିସ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜୟୀରାଜଗୁରୁ ସମ୍ମିଳନୀ କକ୍ଷରେ ଜିଲ୍ଲା ସଂସ୍କୃତି ବିଭାଗ ଓ ଖୋର୍ଦ୍ଧା ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ଏବଂ ଓଡିଶା ସାହିତ୍ୟ ଏକାଡ଼େମୀ ସହଯୋଗରେ ଓଡ଼ିଆ ପକ୍ଷ ଅବସରରେ ଜିଲ୍ଲାସ୍ତରୀୟ ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପରିଷଦ ମୁଖ୍ୟ ଜିଲ୍ଲା ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁଙ୍କ ସଭାପତିତ୍ୱରେ ମୁଖ୍ୟବକ୍ତା ଭାବରେ ଓଡ଼ିଶାର ସ୍ୱନାମଧନ୍ୟ ବକ୍ତା ତଥା ବରିଷ୍ଠ ଅଧ୍ୟାପକ ଡ.ମୃତ୍ୟୁଞ୍ଜୟ ରଥ ଯୋଗଦେଇ କବି ସଚ୍ଚିଦାନନ୍ଦ ରାଉତରାୟ, କବୟିତ୍ରି କୁନ୍ତଳା କୁମାରୀ ସାବତ, ଡକ୍ଟର ମାୟାଧର ମାନସିଂ, ବୃନ୍ଦାବତୀ ଦାସୀ, କବି ଜୟଦେବ, ଶିଶୁ ଅନନ୍ତ, କବି ମାୟାଧର ମାନସିଂହଙ୍କ ଭଳି ବହୁମୁଖୀ ପ୍ରତିଭା ଓ ଉତ୍କଳର ବାଣୀ ଭଣ୍ଡାରକୁ ସେମାନଙ୍କ ଦାନ ଉପରେ ଆଲୋକପାତ କରିଥିଲେ ।

ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ଅଧ୍ୟାପିକା ଡକ୍ଟର ପ୍ରତିଭାମୟୀ ମିତ୍ର ବକ୍ସି ଜଗବନ୍ଧୁଙ୍କ ଲୋମଟାଙ୍କୁରା କାହାଣୀ ଉପରେ ଆଲୋକପାତ କରିଥିଲେ । ଅନ୍ୟତମ ଅତିଥି ଭାବେ ସାହିତ୍ୟ ସଂସଦର ସମ୍ପାଦକ ଡକ୍ଟର ଧୀରେନ୍ଦ୍ର ନନ୍ଦ ତାଙ୍କର ଏକ ପ୍ରବନ୍ଧ ଜୟୀ ରାଜଗୁରୁଙ୍କ ଉପରେ ପାଠ କରିଥିଲେ । ସେହିପରି ଡଃ. କୈଳାଶ ଚନ୍ଦ୍ର ମହାରଣା ମଧ ବଶିଷ୍ଠ ବରପୁତ୍ରଙ୍କ ଜୀବନୀ ଉପରେ ଆଲୋଚନ କରିଥିଲେ । ପ୍ରାରମ୍ଭରେ ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ଓଡ଼ିଆ ପକ୍ଷ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ କହିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ପ୍ରାୟ ୬୫ ଜଣ କବି ଓ କବୟିତ୍ରୀ ବରପୁତ୍ରଙ୍କ ଉପରେ ଆଧାରିତ କବିତା ପାଠ କରିଥିଲେ ।

## ବାଣପୁରରେ ୧୩ଦଣ୍ଡ ଠାକୁରଙ୍କ ମହାମେଳଣ



ବାଲୁଗାଁ,୧୨।୪(ସମିସ): ଦଣ୍ଡମେଳଣ ମହୋତ୍ସବ କମିଟି ତରଫରୁ ବାଣପୁରସ୍ଥିତ ପଲଟଣ ପଡ଼ିଆରେ ରବିବାର ସନ୍ଧ୍ୟାରେ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ୧୩ ଦଣ୍ଡ ଠାକୁରଙ୍କ ମହା ମେଳଣ ଅନୁଷ୍ଠିତ ହୋଇଯାଇଛି । ଅପରାହ୍ନରେ ସ୍ଥାନାଧିପତି ରାଜରାଜେଶ୍ୱର ଦେବ ବଡ଼ହନ୍ତୁଆଡ଼ ପ୍ରଥମେ ପାଟପଟୁଆର ସହ ମେଳଣ ପଡ଼ିଆକୁ ବିଜେ କରି ଆସ୍ଥାନ ଗ୍ରହଣ କରିଥିଲେ । ପରେ ପରେ ବାଲୁଙ୍କେଶ୍ୱର ଦେବ ବିଧାରପୁର, ଭେଟିନାଥ ଦେବ ଭେଟେଶ୍ୱର, ଗୁପ୍ତେଶ୍ୱର ଦେବ ଗାଲୁଆ, କପିଳେଶ୍ୱରଦେବ ମାଟିଆପୋଖରୀ, ଝାଡେଶ୍ୱରଦେବ ଭୀମପୁର, ନୀଳକଣ୍ଠେଶ୍ୱର ଦେବ ଅରାଙ୍ଗ, ନୀଳକଣ୍ଠେଶ୍ୱର ଦେବ ଖାରିଆପଲ୍ଲୀ, ରାଜେଶ୍ୱର ଦେବ ସାନହନ୍ତୁଆଡ, ନାଗେଶ୍ୱର ଦେବ ବୋରିଗାଁ, ଗାଦିଶ୍ୱର ଦେବ ବେରୁଆଁବାଡ଼, ଜଗତେଶ୍ୱରଦେବ ମଙ୍ଗଳପୁର ଓ ଗୁପ୍ତେଶ୍ୱର ଦେବ ବଡ଼ଶିରେଇପୁର ଦଣ୍ଡ ଠାକୁର ସ୍ନାନ ସମାପ୍ତ ସାରି ଭଗତା ମାନଙ୍କ ଗହଣରେ ପାଟପଟୁଆର ଓ ଆତସବାଜି ମଧ୍ୟରେ ମେଳଣ ପଡିଆରେ ପହଞ୍ଚିବା ପରେ ସମସ୍ତ ଠାକୁର ନିଜ ନିଜ ଆସ୍ଥାନ ଗ୍ରହଣ କରିଥିଲେ । ଏହାପରେ ଠାକୁରଙ୍କୁ ବିଭିନ୍ନ ପୂଜାନୀତି ସହ ଭୋଗ ଲାଗି ହେବା ପରେ ହଜାର ହଜାର ଭକ୍ତଙ୍କ ଗହଣରେ ମେଳଣ ଉତ୍ସବ ଅନୁଷ୍ଠିତ ହୋଇଥିଲା ।

## ଅଁଳାଇ ପୀଠରେ ମହାବୀର ଜୟନ୍ତୀ ଓ ବିଶ୍ୱଶାନ୍ତି ମହାଯଜ୍ଞ

ଖୋର୍ଦ୍ଧା,୧୨।୪(ସମିସ): ଖୋର୍ଦ୍ଧା ବ୍ଲକ ଟାଙ୍ଗିଆପଡା ପଂଚାୟତ ଅଧିନ ଉଇଲ କିଶନନଗର ମା'ଅଁଳାଇ ଦେବୀ ପୀଠରେ ୨୪ତମ ମହାବୀର ଜୟନ୍ତୀ ଓ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ନିମନ୍ତେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଗତକାଲି ଅଙ୍କୁରାରୋପଣ ଓ ମଣ୍ଡଳକରଣ ପରେ ଗ୍ରାମରେ ପୂଜା ପାଉଥିବା ବିଭିନ୍ନ ଠାକୁରଙ୍କୁ ନିମନ୍ତ୍ରଣ କରାଯାଇଥିଲା । ଆଜି ପୁରୋହିତ ବିଶ୍ୱନାଥ ନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗ୍ରାମର ଝାରିଆ ପୋଖରୀଠାରୁ ଶହେରୁ ଊର୍ଦ୍ଧ୍ୱ ମାନସିକଧାରୀ ଜଳ କଳସ ଧରି ଗ୍ରାମ୍ୟ ପରିକ୍ରମା କରି ଶୋଭାଯାତ୍ରାରେ ଆସିଥିଲେ । ଗ୍ରାମର ଭାଗବତ ଠାକୁର, ତ୍ରିନାଥ ଠାକୁର, ଧବଳେଶ୍ୱର ମହାଦେବ, ରାଧାକୃଷ୍ଣ ଆଦି ନିଜ ନିଜ ସୁସଜ୍ଜିତ ବିମାନରେ ଯଜ୍ଞ ସ୍ଥଳକୁ ଯାଇଥିଲେ । ଯଜ୍ଞ ସ୍ଥଳରେ ପହଁଚିବା ପରେ ସୂର୍ଯ୍ୟପୂଜା, ମଣ୍ଡଳପୂଜା ଓ ଅଗ୍ନି ସ୍ଥାପନ କରାଯାଇଥିଲା । ପରେ ଅପରାହ୍ନରେ ଯଜ୍ଞକର୍ତ୍ତା ଆକାଶ ବିଶ୍ୱାଳଙ୍କ ଉପସ୍ଥିତିରେ ବିଶ୍ୱଶାନ୍ତି ଯଜ୍ଞ ଆରମ୍ଭ ହୋଇଥିଲା । ଏହି ବାର୍ଷିକ ଯଜ୍ଞ ଗ୍ରାମର ସମ୍ପାଦକ ସନାତନ ବିଶ୍ୱାଳଙ୍କ ପରିଚାଳନାରେ ଆୟୋଜନ ହେଉଥିଲାବେଳେ ଆସନ୍ତାକାଲି ଅପରାହ୍ନରେ ପୂର୍ଣ୍ଣାହୁତି ହେବ ।

### ଶ୍ରୀରାମଲୀଳା ଉତ୍ସବ ଉଦ୍‌ଯାପିତ

# ସୁସଜ୍ଜିତ ରଥରେ ରାମ, ଲକ୍ଷ୍ମଣ ଓ ସୀତାଙ୍କ ନଗର ପରିକ୍ରମା

ଖୋର୍ଦ୍ଧା,୧୨।୪(ସମିସ)

ଖୋର୍ଦ୍ଧାବ୍ଲକ୍ ଅନ୍ତର୍ଗତ ବାଜପୁର ରଙ୍ଗଣୀସାହିରେ ଶ୍ରୀରାମଲୀଳା ପ୍ରଚାର ସମିତି ପକ୍ଷରୁ ଆଜକୁ ୮୧ବର୍ଷ ହେବ ଅନୁଷ୍ଠିତ ହୋଇଆସୁଛି ଶ୍ରୀ ରାମଲୀଳା ଉତ୍ସବ । ପ୍ରତିବର୍ଷ ରାମନବମୀଠାରୁ ଆରମ୍ଭ ହୋଇଥିବା ପୁରୁଷୋତ୍ତମ ପ୍ରଭୁ ରାମଚନ୍ଦ୍ରଙ୍କ ଲୀଳା ଉତ୍ସବ ଆଜି ଉଦଯାପିତ ହୋଇଛି । ଗୀତିନାଟ୍ୟ ଢଙ୍ଗରେ କବି ଅନଙ୍ଗ ନରେନ୍ଦ୍ର, ବିକ୍ରମ ନରେନ୍ଦ୍ର ଓ ସଦାଶିବଙ୍କ ଭରତିକୁ ଆଧାରାକରି ଶ୍ରୀରାମ, ଲକ୍ଷ୍ମଣ, ସୀତା ଏବଂ ରାବଣ, କୁମ୍ଭକର୍ଣ୍ଣର, ବିଭୀଷଣଙ୍କ ଜନ୍ମଠାରୁ ଆରମ୍ଭ କରି ଶେଷ ରାତିରେ ଅନୁଷ୍ଠିତ ହୁଏ ଶ୍ରୀ ରାମଚନ୍ଦ୍ରଙ୍କ ରାଜ୍ୟ ସିଂହାସନ ଆରୋହଣ (ଅଭିଷେକ) ଉତ୍ସବ । ଶ୍ରୀ ରାମଲୀଳାରେ ଉତ୍ସବର ମୁଖ୍ୟ ପୁରୋଧା ଗାୟକ ବିଜୟ କୁମାର ଦାସ, ଶ୍ରୀନିବାସ ବେହେରା ପ୍ରମୁଖଙ୍କ ସୁଲଳିତ କଣ୍ଠର ଗାୟନ ସାଙ୍ଗକୁ ଗାଁର ଯୁବକମାନଙ୍କ ଦ୍ୱାରା ପରିବେଷିତ ନିଖୁଣ ଅଭିନୟ ଦେଖିବାକୁ ପ୍ରତି ରାତିରେ ଶହ ଶହ ଲୋକଙ୍କ ସମାଗମ ହୋଇଥିଲା । ସବୁବର୍ଷ ଭଳି ଚଳିତବର୍ଷ ଅଭିଷେକ ଉତ୍ସବଦିନ



ମାନସିକ କରିଥିବା ଭକ୍ତମାନଙ୍କ ଦ୍ୱାରା ବସାଯାଇଥିବା ସଙ୍କଳ୍ପ କଳସକୁ ବିସର୍ଜନ କରିବା ପରେ ସମୂହ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ଅଭିଷେକ ପରେ ଶ୍ରୀରାମ, ଲକ୍ଷ୍ମଣ, ସୀତା ଓ ହନୁମାନଙ୍କୁ ଏକ ସୁସଜ୍ଜିତ ରଥରେ ବାଜପୁର ଓ ଡିହପୁର ଗ୍ରାମ ପରିକ୍ରମା କରାଯାଇଥିଲା । ଗ୍ରାମର କେଲୁଚରଣ ବେହେରା, ସୌମ୍ୟରଞ୍ଜନ ସାହୁ, ଗୋପିନାଥ ପୃଷ୍ଟି, ଶେଷଦେବ ଦାସଙ୍କ ସମେତ ଶ୍ରୀରାମଲୀଳା ପ୍ରଚାର ସମିତିର ସଭ୍ୟ ଏବଂ ଗ୍ରାମବାସୀ ସହଯୋଗ କରିଥିଲେ ।

## ବରିଷ୍ଠ ପତ୍ରକାର ନୃସିଂହ ମିଶ୍ରଙ୍କ ବିୟୋଗରେ ଶୋକସଭା

ବାଣପୁର,୧୨।୪(ସମିସ): ବାଣପୁର ଅଞ୍ଚଳର ବରିଷ୍ଠ ପତ୍ରକାର ନୃସିଂହ ପ୍ରସାଦ ମିଶ୍ରଙ୍କ ଆତ୍ମାର ସଦଗତି କାମନା କରି ବାଣପୁର ଶ୍ରୀରଙ୍କନାଥ ଦେବଙ୍କ ମନ୍ଦିର ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାବିତ୍ ବାଳମୁକୁନ୍ଦ ଦାସଙ୍କ ପରିଚାଳନାରେ ଆୟୋଜିତ ସଭାରେ କବି ପୁରୁଷୋତ୍ତମ ମହାପାତ୍ର, ଶେଷଦେବ ମହାରଣା, ରବୀନ୍ଦ୍ରନାଥ ମାନସିଂ, ଗୋଲକବିହାରୀ ପରିଡ଼ା, ଶ୍ରୀନିବାସ ଆଚାରୀ, ଚିଲିକା ସାହିତ୍ୟ ସମାଜ ସଂପାଦକ



ଡ଼ଃ ଲକ୍ଷ୍ମୀଧର ସୁବୁଦ୍ଧି, ବରିଷ୍ଠ ନାଗରିକ ମଞ୍ଚ ସଭାପତି ଡ଼ଃ ଚିନ୍ତାମଣି ମିଶ୍ର, ଆଭାସର ମୁଖ୍ୟ ସୁଶାନ୍ତ କୁମାର ଦାଶ, ଭାଷାବିତ୍ ରଙ୍କନାଥ ସେଠୀ, କବି ବିଚିତ୍ରାନନ୍ଦ ବେହେରା, ଅଶୋକ ନନ୍ଦ, କ୍ରୀଡ଼ା ପ୍ରଶିକ୍ଷକ ବୈରାଗୀ ଚରଣ ବଳ, ରାଜେନ୍ଦ୍ର ପ୍ରସାଦ ରଥ, କୈଳାସ ଚନ୍ଦ୍ର ଲାଠି, ପଣ୍ଡିତ ଜୟନ୍ତ କୁମାର ମିଶ୍ର, କାଙ୍କଣ ଶିଖରୀ କମିଟିରୁ ବାବା ପଦ୍ମପାଦ ଦାସ, ନିନ୍ଦକିଶୋର ମିଶ୍ର, ସେଣ୍ଟଜନ୍ସ ସେବାକେନ୍ଦ୍ରରୁ ଅନନ୍ତଚରଣ ଖଟେଇ, ଅବସରପ୍ରାପ୍ତ ସେନା କର୍ମଚାରୀ କିଶୋରଚନ୍ଦ୍ର ପ୍ରଧାନ, ନାରାୟଣ ସ୍ୱାଇଁ, ବିଜୟ କୁମାର ପ୍ରଧାନ, ନେହେରୁ ସେବା ସଂଘର ପ୍ରଦୀପ କୁମାର ଦାସ, କଣ୍ଠଶିଳ୍ପୀ ବିଷ୍ଣୁପ୍ରିୟା ବାରିକ, ବାଇକଣ୍ଠିଆ ସଂପାଦକ ଦେବରାଜ ସାହୁ, ପଞ୍ଚୁଦୋଳ କମିଟି ସଭ୍ୟ ନବକିଶୋର ପ୍ରଧାନ, ମନୁ ବସ୍ତି, ଚିଲିକା ରିପୋର୍ଟର୍ସର୍ ଆସୋସିଏସନର ସଭାପତି ସାମ୍ବାଦିକ ସୁନୀଲ କୁମାର ସୁବୁଦ୍ଧି, ସମ୍ପାଦକ ଅମିତାଭ ପଟ୍ଟଯୋଷୀ, ଦିଗମ୍ବର ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ଦିବଂଗତ ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ ।

## ବିକାଶ ପରିଷଦ ଶିଶୁମନ୍ଦିରର ବାର୍ଷିକୋତ୍ସବ

ଜଟଣୀ,୧୨।୪(ସମିସ): ବିକାଶ ପରିଷଦ ଶିଶୁମନ୍ଦିର, ହରିରାଜପୁରର ବାର୍ଷିକ ଉତ୍ସବ ବିଶିଷ୍ଟ ଶିକ୍ଷାବିତ୍ ତଥା ଜଟଣୀ ପୁସ୍ତକ ମେଳାର ସଂପାଦକ ଅକ୍ଷୟ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟର ପ୍ରତିଷ୍ଠାତା ସୁଧୀର କୁମାର ମାନସିଂହ, ମୁଖ୍ୟବକ୍ତା ଭାବେ ହରିରାଜପୁର ସରପଞ୍ଚ ରିନାରାଣୀ ରାଉତରାୟ ଏବଂ ସମ୍ମାନିତ ଅତିଥି ରୂପେ ଯୁବ ସମାଜସେବୀ ମଧୁସୂଦନ ରାୟ, ଶିଶୁମନ୍ଦିରର



ଯୁଗ୍ମ ସଂପାଦକ ତଥା ଶିକ୍ଷକ କିଶୋର ସୁବୁଦ୍ଧି, ପ୍ରଧାନଶିକ୍ଷକ ଗଗନ ମଙ୍ଗରାଜ, ଶିଶୁମନ୍ଦିରର ପ୍ରତିଷ୍ଠାତା ତଥା ସଂପାଦକ ଅକ୍ଷୟ କୁମାର ସାହୁ ଯୋଗଦେଇ ପିଲାମାନଙ୍କ ଉଦ୍ଦେଶ୍ୟରେ ଅଭିଭାଷଣ ରଖିଥିଲେ ।

ସର୍ବପ୍ରଥମେ ସଂଯୋଜନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ଶିକ୍ଷକ ନରେନ୍ଦ୍ର କୁମାର ମୁଦୁଲି । ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତଗାନ କରାଯାଇଥିଲା । ସଂପାଦକଙ୍କ ଦ୍ୱାରା ବାର୍ଷିକ ବିବରଣୀ ପଠନ କରାଯାଇଥିଲା । ବିଭିନ୍ନ ବିଭାଗରେ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କର ମା' ମାନଙ୍କୁ ନେଇ ଏକ ଝୋଟି, ଶଙ୍ଖବାଦନ ଓ ଗ୍ଲାସ ଖେଳ ଆୟୋଜନ କରାଯାଇ କୃତି ମା' ମାନଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା ।

## ବିଭିନ୍ନ ସ୍ଥାନରେ ଦଣ୍ଡ ମେଳଣ ଉତ୍ସବ ଉଦ୍‌ଯାପିତ



ବେଗୁନିଆ,୧୨।୪(ସମିସ): ବେଗୁନିଆ ବ୍ଲକର ବିଭିନ୍ନ ସ୍ଥାନରେ ଦଣ୍ଡ ମେଳଣ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ବେଗୁନିଆ ବ୍ଲକ ଅନ୍ତର୍ଗତ କୁଶପଲ୍ଲା ଗ୍ରାମରେ ମା' ଜାଗେଶ୍ୱରୀଙ୍କ ପୀଠରେ ମା' ଦକ୍ଷିଣ କାଳୀ ଦଣ୍ଡନୃତ୍ୟ ଉତ୍ସବରେ ପାଞ୍ଚଦଣ୍ଡ ଅଂଶଗ୍ରହଣ କରିଥିଲେ । ଏଥିରେ ପାଟ ଦଣ୍ଡୁଆ ବ୍ରଜବନ୍ଧୁ ସେନାପତିଙ୍କ ଆବାହକତ୍ୱରେ ପାଟ ଭୁକୁତା ରବୀନ୍ଦ୍ର ସେନାପତିଙ୍କ ତତ୍ତ୍ୱାବଧାନ ଓ ସମ୍ପାଦକ ନବ କିଶୋର ପାଣିଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଛି । ସେହିପରି କଣ୍ଟାବାଡ଼, ବଡ଼ବେରଣା, ଓସ୍ତପୁର, ପୋଡ଼ାଡିହ ପଙ୍ଗାରସିଂହ, ଭୋଗଡ଼ା ଓ ଗୋବିନ୍ଦପୁର ଆଦି ଗ୍ରାମରେ ଦଣ୍ଡ ମେଳଣ ଉତ୍ସବ ଉଦ୍‌ଯାପିତ ହୋଇଛି ।

### ● ମହାପାଟଦେଈ କାଳିକା ମହୋତ୍ସବର ଚତୁର୍ଥ ସନ୍ଧ୍ୟା

## 'ମହୋତ୍ସବ ସମସ୍ତଙ୍କୁ ଏକତା ସୂତ୍ରରେ ଯୋଡ଼ିଥାଏ'

ବେଗୁନିଆ,୧୨।୪(ସମିସ): ବେଗୁନିଆ ସଦର ମହକୁମା ସ୍ଥିତ ଦୁର୍ଗାପୂଜା ମଣ୍ଡପ ନିକଟରେ ମହା ପାଟଦେଈ କାଳିକା ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିଥିଲା । ଗ୍ରାମ୍ୟ କମିଟି ସଭାପତି ପ୍ରତାପ କୁମାର ସାହୁଙ୍କ ଅଧ୍ୟକ୍ଷତା ଓ ଲୋକନାଥ ଜେନାଙ୍କ ସଂଯୋଜନରେ ସମିତିସଭ୍ୟ ପ୍ରକାଶ ଚନ୍ଦ୍ର ବଳିୟାରସିଂହ ମୁଖ୍ୟ ଅତିଥି, ସମାଜସେବୀ ଶିଶିର କୁମାର ଛୁଆଳସିଂହ, ରମେଶ ପ୍ରଧାନ ଓ କାଳନ୍ଦୀ ରାଉତରାୟଙ୍କ ସମେତ ଅତିଥିମାନେ ଯୋଗଦେଇ ମହୋତ୍ସବ ସମସ୍ତଙ୍କୁ ଏକତା ସୂତ୍ରରେ ଯୋଡ଼ି ରଖିବାକୁ ସୁଯୋଗ ଦେଇଥାଏ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ । ପରେ ସ୍ଥାନୀୟ କଳାକାର ଓ ଭୁବନେଶ୍ୱର ନୃତ୍ୟାଙ୍ଗନା ଡ୍ୟାନ୍ସ ଗ୍ରୁପ କଳାକାରଙ୍କ ଦ୍ୱାରା ପରିବେଷିତ ନୃତ୍ୟ ଦର୍ଶକଙ୍କୁ ଆକର୍ଷିତ କରିଥିଲା । ଏହି ଅବସରରେ ୪ଦିନ ଧରି ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞ ଭକ୍ତି ଭାବମୟ ପରିବେଶ ମଧ୍ୟରେ ସମାପନ ହୋଇଥିଲା ।

ସେହିପରି ତୃତୀୟ ସନ୍ଧ୍ୟାରେ ମନୋଜ କୁମାର ପ୍ରଧାନ ମୁଖ୍ୟଅତିଥି, ନାଳନ୍ଦା ପବ୍ଲିକ ସ୍କୁଲର ଅଧ୍ୟକ୍ଷ ରାଜେଶ ସାହୁ, ସମାଜସେବୀ ସସ୍ମିତା ସ୍ୱାଇଁ, ମଳୟ କୁମାର ଜୟସିଂହ, ରାମ ମାନସ ପଣ୍ଡା ଓ ପ୍ରଦ୍ୟୁମ୍ନ କୁମାର ପଟ୍ଟନାୟକଙ୍କ ସମେତ ଅତିଥିମାନେ ଯୋଗ ଦେଇଥିଲେ । ପରେ ଗୀତିକାର ପ୍ରଫୁଲ୍ଲ କୁମାର ଦେଉରୀଙ୍କ ଦ୍ୱାରା ଭଜନ, ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ, ନାଳନ୍ଦା ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ଓ କଟକ ମାତୃଶକ୍ତି ଡ୍ୟାନ୍ସ ଗ୍ରୁପ କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣରେ ଦର୍ଶକଙ୍କୁ ଆକର୍ଷିତ କରିପାରିଥିଲା । କାର୍ଯ୍ୟକ୍ରମକୁ ସମାଜସେବୀ ବିଶ୍ୱନାଥ ସୁନ୍ଦରାୟ, କ୍ଷୀରୋଦ କୁମାର ପରିଡ଼ା, ଶିକ୍ଷକ ସରୋଜ କୁମାର ବେହେରା ପରିଚାଳନା କରିଥିଲେ ।

## ଜିଲ୍ଲା ଟାଏକ୍ୱୋଣ୍ଡୋ ଚାମ୍ପିଅନ୍‌ସିପ୍ ଓ କଲରବେଲ୍ଟ ପ୍ରମୋସନ୍ ଟେଷ୍ଟ



ଜଟଣୀ,୧୨।୪(ସମିସ): ଜଟଣୀ ସ୍ଥିତ ଶ୍ରଷ୍ଟା ଟାଉନ ହଲ୍‌ଠାରେ ଖୋର୍ଦ୍ଧା ଜିଲ୍ଲା ଟାଏକ୍ୱୋଣ୍ଡୋ ଆସୋସିଏସନ୍ ଓ ଏସ୍‌ଏମ୍‌ଏସ୍ ମାର୍ଶଲ ଆର୍ଟ୍ସ ଏକାଡେମୀ ମିଳିତ ଆନୁକୂଲ୍ୟରେ ସପ୍ତମ ତମ ଖୋର୍ଦ୍ଧା ଜିଲ୍ଲାସ୍ତରୀୟ କିରୋଗୀ ଓ ପୁମ୍ ସେ ଟାଏକ୍ୱୋଣ୍ଡୋ ପ୍ରତିଯୋଗୀତା ଓ ୧୨ତମ ଟାଏକ୍ୱୋଣ୍ଡୋ କଲର ବେଲ୍ଟ ପ୍ରମୋସନ୍ ଟେଷ୍ଟ ଆୟୋଜିତ ହାଇଯାଇଛି । କାର୍ଯ୍ୟକ୍ରମରେ ୧୫୦ରୁ ଅଧିକ ବାଳକ ଓ ବାଳିକା ସୁପର ସବଜୁନିଅର, ସବ୍ ଜୁନିଅର, କ୍ୟାଡେଟ୍, ଜୁନିଅର ଏବଂ ସିନିଅର କାଟାଗୋରିରେ ଅଂଶଗ୍ରହଣ କରିଥିଲେ । ଏହି ପ୍ରତିଯୋଗୀମାନେ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ଏକାଡେମୀରୁ ପ୍ରତିନିଧିତ୍ୱ କରୁଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆନ୍ତର୍ଜାତିକ ଟାଏକ୍ୱୋଣ୍ଡୋ ମାଷ୍ଟର ତଥା ସାଧାରଣ ସମ୍ପାଦକ ଓଡ଼ିଶା ଟାଏକ୍ୱୋଣ୍ଡୋ ସଂଘର ମନମୋହନ ଭଞ୍ଜ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ମାଧ୍ୟମରେ ଉଦିୟମାନ ମାର୍ଶାଲ କଳାକାରଙ୍କ ପାଇଁ ଅଧିକ ସୁଯୋଗ ପ୍ରଦାନ କରି ଖୋର୍ଦ୍ଧାରେ ଏକ ଶକ୍ତିଶାଳୀ ଇକୋସିଷ୍ଟମ ଗଠନ ପାଇଁ ତାଙ୍କର ଦୃଷ୍ଟିକୋଣ ବାଣ୍ଟିଥିଲେ । ସମାପନୀ ସମାରୋହରେ, ଖୋର୍ଦ୍ଧା ଜିଲ୍ଲା ସାଧାରଣ ସମ୍ପାଦକ ଅଜୟ କୁମାର ସାହୁ ସମସ୍ତ ଅଂଶଗ୍ରହଣକାରୀ, ଅଭିଭାବକ, ପ୍ରଶିକ୍ଷକ ଏବଂ ସମର୍ଥକଙ୍କ ପ୍ରତି ହୃଦୟର ସହିତ କୃତଜ୍ଞତା ପ୍ରକାଶ କରିଥିଲେ । ପୁରସ୍କାର ଏବଂ ଏହିବର୍ଷ ବ୍ଲାକ୍‌ବେଲ୍ଟକୁ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ବିତରଣ ସହିତ କାର୍ଯ୍ୟକ୍ରମ ସମାପନ କରାଯାଇଥିଲା ।

### ଖୋର୍ଦ୍ଧାରେ କଂଗ୍ରେସର ବିଶାଳ ଶୋଭାଯାତ୍ରା

# 'ଓଡ଼ିଶାରେ ଗୁଜରାଟ ଶିଳ୍ପସଂସ୍ଥା ଓ ଠିକାଦାରଙ୍କ ରାଜ୍ ଚାଲିଛି'

ଖୋର୍ଦ୍ଧା,୧୨।୪(ସମିସ)

ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ କମିଟିର ସ୍ଥାନୀୟ ବିଡିଏ କଲୋନୀଠାରେ ଜିଲ୍ଲା କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି । ଜିଲ୍ଲା ସଭାପତି ରାଜୀବ ପଟ୍ଟନାୟକଙ୍କ ନେତୃତ୍ୱରେ ଆଜି ଅପରାହ୍ନରେ ଛାତ୍ର, ଯୁବ, ମହିଳା କର୍ମୀ ଓ ସେବା ଦଳର ଶତାଧିକ କର୍ମୀ ନେତା ସ୍ଥାନୀୟ ଗୋଡ଼ିପୋଖରୀ ଛକରୁ ବିଶାଳ ଶୋଭାଯାତ୍ରାରେ ନୂଆ ବସ୍‌ଷ୍ଟାଣ୍ଡ ଦେଇ ବିଡିଏ ସ୍ଥିତ ନୂତନ କଂଗ୍ରେସ ଭବନରେ ପହଞ୍ଚିଥିଲା । ପିସିସି ସଭାପତି ଭକ୍ତ ଦାସ ଏହି ଶୋଭାଯାତ୍ରାରେ ସାମିଲ ହୋଇ କର୍ମୀଙ୍କୁ ଉତ୍ସାହିତ କରିବା ସହ କାର୍ଯ୍ୟାଳୟ ଉଦ୍‌ଘାଟନ କରିଥିଲେ ।

ଆୟୋଜିତ ସମାବେଶରେ ବିଜେପି ଉପରେ ବର୍ଷିଥିଲେ ପିସିସି ସଭାପତି ଶ୍ରୀ ଦାସ । ସେ କହିଥିଲେ, ଓଡିଶାରେ ଗୁଜୁରାଟ ଶିଳ୍ପ ସଂସ୍ଥା, ଠିକାଦାର ମାନଙ୍କ ରାଜ୍ ଚାଲିଛି । କେନ୍ଦ୍ର ସରକାରଙ୍କ ଦୁର୍ବଳ ଅର୍ଥନୀତି ଯୋଗୁ ଟଙ୍କାର ମୂଲ୍ୟ ହ୍ରାସ ପାଉଛି । ଓଡିଶାରେ ବିଜେପି ସରକାରଙ୍କ ସମୟରେ ନାରୀ ଓ ଶିଶୁ ନିର୍ଯାତନା ବଢ଼ିଛି । ଚାଷୀଙ୍କୁ ଇନ୍‌ପୁଟ ସହାୟତା ଦେବା ଆଳରେ ଶୋଷଣ




କରିଛନ୍ତି । ରାଜ୍ୟର ୧୯ଲକ୍ଷ ଚାଷୀଙ୍କ ଠାରୁ ୪ହଜାର କୋଟି ଟଙ୍କା ଲୁଟ୍ କରାଯାଇଛି । ରାଜ୍ୟର ଖଣିଜ ସମ୍ପଦ ଆଦାନୀ, ଅମ୍ବାନୀ ହାତକୁ ଟେକିଦେଇଛନ୍ତି । ଦଳର ନେତା ମନ୍ତ୍ରୀ କର୍ମୀ ଦୁର୍ନୀତିରେ ବୁଡିଛନ୍ତି । ସେ ଆହୁରି କହିଲେ ସୁଭଦ୍ରା ଯୋଜନା ଏକ ପ୍ରହସନ ପାଲଟିଛି । ଗ୍ୟାସ ସିଲିଣ୍ଡର ନପାଇ ସୁଭଦ୍ରାମାନେ କାଠ ଜାଳିଲେଣି । ହୋଟେଲ ରେଷ୍ଟୁରାଣ୍ଟ ବନ୍ଦ । ଗ୍ରାମାଞ୍ଚଳଠୁ ସହରାଞ୍ଚଳ ପର୍ଯ୍ୟନ୍ତ ବେକାର ଯୁବକ କାମ ନପାଇ ବିଦେଶ ଯାଇ ଶବ ହୋଇ ଫେରୁଛନ୍ତି । କଂଗ୍ରେସ କର୍ମୀଙ୍କୁ କଣ୍ଠମନ୍ତ୍ର ଦେଇ କହିଲେ ଦଳ ଭିତରେ ଆରୋପ ପ୍ରତ୍ୟାରୋପ ଛାଡ଼ି ସଂଗଠିତ ହୋଇ କାମ କରିବାକୁ ପରାମର୍ଶ ଦେଇଛନ୍ତି । ଆଗାମୀ ପଞ୍ଚାୟତ ନିର୍ବାଚନରେ ଏକ ହୋଇ ଲଢିବାକୁ କର୍ମୀଙ୍କୁ କଣ୍ଠମନ୍ତ୍ର ଦେଇଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ସେବା ଦଳ ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି, ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ, ଶିଶିର ପରିଡା, ସ୍ୱାଗତିକା ପଟ୍ଟନାୟକ, ଜୟଶ୍ରୀ ପଟ୍ଟନାୟକ, ସୋନାଲି ସାହୁ, ସନ୍ତୋଷ ଜେନା, ପ୍ରଦୀପ ସ୍ୱାଇଁ, ସିଦ୍ଧାର୍ଥ ରାଉତରାୟ, ଅଶୋକ ମଙ୍ଗରାଜ, ରଣଜିତ ମହାପାତ୍ରଙ୍କ ସମେତ ଖୋର୍ଦ୍ଧା, ଜଟଣୀ, ବେଗୁନିଆ ବୋଲଗଡ, ଚିଲିକା ପ୍ରଭୃତି ନିର୍ବାଚନମଣ୍ଡଳୀର କର୍ମକର୍ତ୍ତା ଯୋଗ ଦେଇଥିଲେ ।

**ଜିଲ୍ଲା କାର୍ଯ୍ୟାଳୟ ଉଦ୍‌ଘାଟିତ**

### କ୍ୟାପିଟାଲ୍ ଇଞ୍ଜିନିୟରିଂ କଲେଜରେ କର୍ମଶାଳା

# ସାମିଲ୍ ହେଲେ ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ

ଖୋର୍ଦ୍ଧା,୧୨।୪(ସମିସ): ଖୋର୍ଦ୍ଧା ସହର ଉପକଣ୍ଠ ମହତପଲ୍ଲାସ୍ଥିତ କ୍ୟାପିଟାଲ ଇଞ୍ଜିନିୟରିଂ କଲେଜ ପରିସରରେ ଚାଲିଥିବା ସପ୍ତାହ ବ୍ୟାପି କନେକ୍ଟ ଦି ଫ୍ୟୁଚର; ଆଇଓଟି (ଇଂଟରନେଟ ଅଫ ଥିଙ୍ଗସ୍) କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି । ଛାତ୍ରଛାତ୍ରୀମାନଙ୍କର ଉଦୟମାନ ପ୍ରଯୁକ୍ତିରେ ପ୍ରାୟୋଗିକ ଦକ୍ଷତା ଓ ଇଣ୍ଟରନେଟ୍ ଜ୍ଞାନକୁ ବୃଦ୍ଧି କରିବା ଏହି କର୍ମଶାଳା ଲକ୍ଷ୍ୟ ଥିଲା । କାର୍ଯ୍ୟକ୍ରମକୁ ନିର୍ଦ୍ଦେଶକ ଡକ୍ଟର ସୌମ୍ୟା ଦର୍ଶନ ମହାନ୍ତି ଓ ଅଧ୍ୟକ୍ଷ ଡକ୍ଟର ଚିନ୍ମୟ



ରଞ୍ଜନ ପଟ୍ଟନାୟକଙ୍କ ଉଦ୍‌ଘାଟନ କରିଥିଲେ । କର୍ମଶାଳାକୁ ବିଦ୍ୟୁତ ଇଞ୍ଜିନିୟରିଂ ବିଭାଗର ସହାୟକ ପ୍ରଫେସର ଓ ବିଭାଗମୁଖ୍ୟ ଗୋପାଳ ମାର୍ଥା, ଯାନ୍ତ୍ରିକ ବିଭାଗର ସହାୟକ ପ୍ରଫେସର ରାକେଶ କୁମାର ସାହୁ ପରିଚାଳନା କରିଥିଲେ । ସପ୍ତାହ ବ୍ୟାପୀ ଚାଲିଥିବା କର୍ମଶାଳାକୁ ସହାୟକ ପ୍ରଫେସର ଅନସୂୟା ରାୟଚୌଧୁରୀ ସଂଯୋଜନା କରିଥିଲେ । ଏନ୍‌ଆଇଟି ରାଉରକେଲା ସ୍ଥିତ ଇ-ୱାର୍ଣ୍ଡ ସିଷ୍ଟେମ୍ କମ୍ପାନୀରୁ ୫ଜଣ ଗବେଷକ ଟ୍ରେନର ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ହାଣ୍ଡସ୍-ଅନ୍ ଟ୍ରେନିଂ, ପ୍ରଦର୍ଶନ ଓ ଆଲୋଚନାସଭା ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ପ୍ରଯୁକ୍ତିରେ ପ୍ରାୟୋଗିକ ଦକ୍ଷତା ଓ ବାସ୍ତବ ଜଗତରେ ଇଂଟରନେଟ୍ ଜ୍ଞାନ ସମ୍ପର୍କରେ ବିଭିନ୍ନ ଉଦାହରଣ ଦେଇ ବୁଝାଇଥିଲେ ।

୩ ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ କର୍ମଶାଳାରେ ଅଂଶଗ୍ରହଣ କରି ଆଇଓଟି (ଇଣ୍ଟରନେଟ ଅଫ ଥିଙ୍ଗସ୍) ଆର୍କିଟେକ୍ଟର, ସେନ୍ସର ଇଣ୍ଟିଗ୍ରେସନ, ଡାଟା କମ୍ୟୁନିକେସନ ଓ ସ୍ମାର୍ଟ ସିଷ୍ଟମ ଡେଭଲପ୍‌ମେଣ୍ଟ ବିଷୟରେ ମୂଲ୍ୟବାନ ତଥ୍ୟ ବୁଝିପାରିଥିଲେ । ଏହି କର୍ମଶାଳା ଆଜି ଉଦଯାପିତ ହୋଇଥିବାବେଳେ କ୍ୟାପିଟାଲ୍ ଇଞ୍ଜିନିୟରିଂ କଲେଜର ପକ୍ଷରୁ ଉନ୍ନତ ପ୍ରଯୁକ୍ତିମୂଳକ ଶିକ୍ଷା ଓ ଶିଳ୍ପ ସହଯୋଗକୁ ପ୍ରୋତ୍ସାହନ ଦେବାରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସାବ୍ୟସ୍ତ ହୋଇଛି ବୋଲି ଅଧ୍ୟକ୍ଷ ଡକ୍ଟର ପଟ୍ଟନାୟକ କହିଛନ୍ତି ।

